ଧରିତ୍ରୀ
DHARITRI
May 8-14, 2022 ₹ 2/-

ଛୁଟିଦିନ

# ମା’

୩

ପ୍ରଚ୍ଛଦ ପ୍ରସଙ୍ଗ



ସନ୍ତାନ ପାଇଁ ଯିଏ ସର୍ବସ୍ୱ ତ୍ୟାଗ କରିପାରେ, ସେ କେବଳ ମା’। ଯାହା ପ୍ରମାଣିତ କରିଛନ୍ତି ଏମିତି କେତେଜଣ ମା’। କେଉଁଠି ସେ ନିଜେ ଭିନ୍ନକ୍ଷମ ତ ପୁଣି କେଉଁଠି ସନ୍ତାନ ଭିନ୍ନକ୍ଷମ। କିନ୍ତୁ ଏମିତି ଲାଳନପାଳନ କରିଛନ୍ତି ଆଉ ଦେଖେଇ ଦେଇଛନ୍ତି ତାଙ୍କ ସନ୍ତାନ କାହାଠାରୁ ନୁହେଁ କମ୍...

# ବାସ୍ତୁ ଅନୁସାରେ ଶୋଇବା ଘର

ଦିନଯାକର ଅକ୍ଳାନ୍ତ ପରିଶ୍ରମ ପରେ ଟିକେ ବିଶ୍ରାମ ପାଇଁ ଯେବେ ଶୋଇବା ଘରେ ପାଦ ପଡ଼ିଯାଏ ସେତେବେଳେ ମନକୁ ଖୁବ୍ ଶାନ୍ତି ମିଳିଥାଏ। କାରଣ ଶୋଇବା ଘର ହେଉଛି ଏପରି ଏକ ସ୍ଥାନ, ଯେଉଁଠି ବ୍ୟକ୍ତି ଆରାମ କରିପାରେ। ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ବି ଶୋଇବା ଘରର ଭୂମିକା ଯଥେଷ୍ଟ ଥାଏ ବୋଲି କୁହାଯାଏ। ତେଣୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଶୋଇବା ଘର କିପରି ହେବା ଦରକାର ଆସନ୍ତୁ ଜାଣିବା:

* ଦାମ୍ପତ୍ୟ ସୁଖ ପାଇଁ ଶୋଇବା ଘର ଦକ୍ଷିଣ ପଶ୍ଚିମ କୋଣରେ ରହିଲେ ଭଲ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ସେହିପରି ସୁଖୀ ଦାମ୍ପତ୍ୟ ପାଇଁ ଶୋଇବା ଘରର ଖଟକୁ କେବେ ବି କାନ୍ଥକୁ ଲଗାଇ ରଖିବା ଠିକ୍ ନୁହେଁ।
* ଶୟନ କକ୍ଷରେ ଆଇନା ରଖିବା ଉଚିତ ନୁହେଁ। ଯଦି ଅଛି ସାଜଶୃଙ୍ଗାର ପରେ ଆଇନା ଉପରେ ପରଦା ପକାଇଦେବା ଠିକ୍ ହେବ। କାରଣ ଶୋଇବା ସମୟର ଛବି ଆଇନାରେ



ପ୍ରତିଫଳିତ ହେବା ଅଶୁଭ ବୋଲି କୁହାଯାଇଥାଏ।
* ଶୟନ କକ୍ଷରେ ପୂଜାଘର ରଖିବା ମଧ୍ୟ ଭଲ ନୁହେଁ।
* ସବୁଠୁ ବଡ଼ କଥା ହେଉଛି, ଶୋଇବା ଘରେ ଭୁଲ୍‌ରେ ବି ଦୁଇଟି ଖଟକୁ ଯୋଡ଼ି ଶୁଅନ୍ତୁ ନାହିଁ। କାରଣ ଏହା ଦାମ୍ପତ୍ୟ ଜୀବନ ଉପରେ ଖରାପ ପ୍ରଭାବ ପକାଇଥାଏ।
* ଶୟନ କକ୍ଷରେ କାନ୍ଦିବା ଚିତ୍ର, ଯୁଦ୍ଧ ଚିତ୍ର କିମ୍ବା ମୃତ ବ୍ୟକ୍ତିଙ୍କ ଫଟୋ ନ ରଖି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି, ଉଭୟ ପତ୍ନୀପତିଙ୍କ ଖୁସି ସମୟର ଚିତ୍ର କିମ୍ବା ଯୁଗଳ ଚଢ଼େଇଙ୍କ ଚିତ୍ର ରଖିଲେ ଦାମ୍ପତ୍ୟ ଜୀବନରେ ସୁପ୍ରଭାବ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୮-୧୪

**ମେଷ**
ଶାରୀରିକ ଅସୁସ୍ଥତା, ଧୈର୍ଯ୍ୟଚ୍ୟୁତି ଘଟିପାରେ, ବନ୍ଧୁଙ୍କ ଆଶ୍ୱାସନା, ସାମାଜିକ ସମ୍ମାନ, ରାଜନୈତିକ ସଫଳତା, ପବ୍ଲିକେଶନରେ ସମସ୍ୟା, ବାଣିଜ୍ୟରେ ପ୍ରତିବନ୍ଧକ, ବିବାଦୀୟ ପରିବେଶ।

**ବୃଷ**
ବୈଷୟିକ ସୁଖ ସମୃଦ୍ଧି, ପଦସ୍ଥ କର୍ମଚାରୀଙ୍କ ସାହାଯ୍ୟ, ମାନସିକ ଚାପ କମିବ, ପରିବହନରୁ ଲାଭ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ, ପ୍ରଶାସନିକ ସଫଳତା, ବନ୍ଧୁଙ୍କ ବୃଥା ସନ୍ଦେହ, ସୁଖଭିଳାଷୀ ହେବେ॥

**ମିଥୁନ**
ସ୍ୱାସ୍ଥ୍ୟଗତ ବୈଷମ୍ୟ, ପ୍ରଗତିରେ ପ୍ରତିବନ୍ଧକ, ହିତୈଷୀଙ୍କ ପରାମର୍ଶ, ପଡୋଶୀଙ୍କ କଟୁକ୍ତି, ଯାନବାହାନରେ ତ୍ରୁଟି, ରାଜନୈତିକ ବିବାଦ, ସମସ୍ୟାର ସମାଧାନ, ସାଂଗଠନିକ ସଭା, ଭ୍ରମଣ ସୁଯୋଗ॥

**କର୍କଟ**
ପାରିବାରିକ ବ୍ୟତିକ୍ରମ, ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ପରୋକ୍ଷ ଶତ୍ରୁତା, ନୂତନ ଉଦ୍ୟୋଗାରମ୍ଭ, ସଭାସମିତିରେ ବିତର୍କ, ସୁସମ୍ପର୍କ ବ୍ୟାହତ, ସଂକୁଚିତ ବ୍ୟବସାୟ॥

**ସିଂହ**
ପ୍ରଭାବଶାଳୀଙ୍କ ପ୍ରତିଶ୍ରୁତି, ସମସ୍ୟାର ସମାଧାନ, ଶତ୍ରୁ ପ୍ରତିହତ ହେବେ, ମାନସିକ ସ୍ଥିରତା, ଧନହାନୀରୁ ମନସ୍ତାପ, ପାରିବାରିକ କଳହ, ଋଣ ପରିଶୋଧ, ପ୍ରଶାସନିକ ଅସ୍ଥିରତା, ମିଥ୍ୟା ଅଭିଯୋଗର ତଦନ୍ତ, ମକଦ୍ଦମାରେ ବିଜୟ, ବୈବାହିକ ସମସ୍ୟା॥

**କନ୍ୟା**
କର୍ମକ୍ଷେତ୍ରରେ ଅଗ୍ରଗତି, ଉଚ୍ଚଶିକ୍ଷାରେ ସଫଳତା, ସନ୍ତାନଙ୍କ ଉନ୍ନତି, ଆଇନ ସହାୟତାପ୍ରାପ୍ତି, ନୂତନ ପ୍ରକଳ୍ପାରମ୍ଭ, କୁଟନୀତିରୁ ସଫଳତା, ଅପ୍ରିୟ ସତ୍ୟରୁ କଳହ, ନୂତନ ସମ୍ପର୍କ ସୃଷ୍ଟି॥

**ତୁଳା**
ପାରସ୍ପରିକ ବୁଝାମଣା, କାର୍ଯ୍ୟସିଦ୍ଧି, ଆର୍ଥିକ ଅଭିବୃଦ୍ଧି, ମିତ୍ରବନ୍ଧୁ ସମାଗମ, ନୀଚଜନ ସହ ବିବାଦ, କର୍ମ ସମ୍ପାଦନରେ ବିଫଳତା, ମନୋରଞ୍ଜନରେ ଅରୁଚି, ଆନୁଷ୍ଠାନିକ କ୍ଷେତ୍ରକୁ ନିମନ୍ତ୍ରଣ, ଅର୍ଥସମ୍ପର୍କରେ କଳହ, ଦୂର ଯାତ୍ରାର ପ୍ରସ୍ତୁତି।

**ବିଛା**
ଶାରୀରିକ ସୁସ୍ଥତା, ବନ୍ଧୁ ପାଖେଇ ଆସିବେ, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ମିଳିବ, ବନ୍ଧୁସମ୍ପର୍କ ସ୍ଥାପନା, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, ସ୍ଥଗିତଯାତ୍ରା, ଗୃହସୀମାରେ ବିବାଦ।

**ଧନୁ**
ଅସହଯୋଗରୁ କର୍ମହାନୀ, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଅନୁଚିନ୍ତା, ମାନସିକ ଅସ୍ଥିରତା। ପାରିବାରିକ ସୁସ୍ଥତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସାମାଜିକ ସମ୍ମାନ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ସନ୍ତାନହେତୁକ ଗୌରବ।

**ମକର**
ନୂତନ ଯୋଜନାରମ୍ଭ, ସହଯୋଗୀଙ୍କ ସହାନୁଭୂତି, ସଭାସମିତିକୁ ନିମନ୍ତ୍ରଣ, ପରିବହନରେ ଝଗଡା, ବ୍ୟବସାୟରେ ପୁଞ୍ଜି ଲଗାଣ, ଅନୁକୂଳ ବାତାବରଣ, ସାମାଜିକ ପ୍ରତିଷ୍ଠା, ଭିଜିଲାନ୍ସ ନୋଟିସ୍ ଆଶଙ୍କା।

**କୁମ୍ଭ**
ମାନସିକ ସନ୍ତୁଳନ ହରାଇବେ, କାର୍ଯ୍ୟହାସଲରେ ଅସମର୍ଥତା, ଅପରିଣାମଦର୍ଶିତାର କୁଫଳ, ଅଶ୍ୱସ୍ତିକର ପରିସ୍ଥିତିର ସାମନା, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ସ୍ଥଗିତ କର୍ମାରମ୍ଭ, ପରୀକ୍ଷାରେ ସଫଳତା, ଗବେଷଣାରେ ଅଗ୍ରଗତି।

**ମୀନ**
ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାମାଜିକ ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୈତିକ ପ୍ରତିଷ୍ଠା, ସ୍ୱାସ୍ଥ୍ୟରେ ଉନ୍ନତି, କରଜଦାତାଙ୍କ ଚାପ, ଗୁରୁଜନଙ୍କ ପରାମର୍ଶ। ନୂତନ ବନ୍ଧୁସମ୍ପର୍କ, ଧର୍ମକାର୍ଯ୍ୟର ପ୍ରସ୍ତୁତି, ସମ୍ବର୍ଦ୍ଧିତ ହୋଇପାରନ୍ତି, ପଦୋନ୍ନତିର ସୂଚନା॥



# ମା'

ସେ ସୃଷ୍ଟିର ଆଦ୍ୟ ଓଁକାର। ସେ ଜନ୍ମଦାତ୍ରୀ, କରୁଣାମୟୀ, ମମତାର ଅମୃତ ସ୍ୱାକ୍ଷର। ସେ ପୁଣି ସୁରକ୍ଷାର ଅଭେଦ୍ୟ ବଳୟ। ପୁଅ ହେଉ କି ଝିଅ ତା' ପାଖରେ ନଥାଏ ଫରକ। ପିଲା ଯେପରି ହେଲେ ବି ସେ କୋଳେଇ ନିଏ। ପିଲା ପାଇଁ ସେ ସବୁ ଦୁଃଖକୁ ପିଇନିଏ। ଅସୀମ ଶ୍ରଦ୍ଧା, ଅହେତୁକ ବାତ୍ସଲ୍ୟ ପ୍ରେମରେ ପିଲାକୁ ଛୋଟରୁ ବଡ଼ କରେ, ତାକୁ ସମାଜରେ ଠିଆ କରିବା ପାଇଁ ସିଏ ସାଜିଥାଏ ଅତନ୍ଦ୍ର ପ୍ରହରୀ। ସନ୍ତାନ ଲାଗି ଦୁନିଆର ସବୁଠୁ ଯେ ନିଜର, ସିଏ ମା'। ତେଣୁ କୁହାଯାଏ, ମା' କୋଳେ ପିଲା ଦୁନିଆ ଡରେନା। ପିଲା ପାଇଁ ଅଭୟ ଆଶ୍ରୟ ଏଇ ମା'। ଦିନଟିଏ ନୁହଁ ସବୁଦିନ ହେଉ ମାତୃ ଦିବସ। ସେହି ମମତାମୟୀ ମା'କୁ କୋଟି ପ୍ରଣାମ।

# ପାଠକୀୟ

*ତାଜମହଲ, ଆଇଫିଲ୍ ଟାୱାର ହେଉ କି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅବା କ୍ରିଷ୍ଟ ଅଫ୍ ରିଡିମର୍। ଏସବୁ ସ୍ଥାପତ୍ୟ ସାରା ବିଶ୍ୱରେ ପରିଚିତ। ଏଗୁଡ଼ିକ ଏକ ଓ ଅଦ୍ୱିତୀୟ ବୋଲି ଅନେକେ ମନେକରନ୍ତି। ହେଲେ ଏସବୁର ନକଲ ଅନେକ ସ୍ଥାନରେ କରାଯାଇଛି। ଆଉ ସେସବୁ ଦେଖିବାକୁ ବି ଅବିକଳ ଅସଲି ସ୍ଥାପତ୍ୟ ପରି। କିନ୍ତୁ ଅନେକଙ୍କ ପାଇଁ ଏହା ଆଜିବି ଅଜଣା ହୋଇ ରହିଛି। ତେଣୁ ଏଭଳି ଏକ ରୋଚକପୂର୍ଣ୍ଣ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଏକ ନୁହେଁ ଅନେକ' ଏକ ନିଆରା ଆଲେଖ୍ୟ ଥିଲା। 'ଉପକାରୀ ସମର ଡ୍ରିଙ୍କ୍ସ' ପାଠଟି ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା।

*–ତପନ ହାତୀ, ପାରାଦୀପ, ଜଗତ୍‌ସିଂହପୁର*

* ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଏକ ନୁହେଁ ଅନେକ' ଏକ ସମୟୋପଯୋଗୀ ତଥା ନିଆରା ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତା, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଶିକ୍ଷକ, ମଞ୍ଚ ପରିଚାଳକ ତଥା ଗବେଷକ ନବୀନ ପରିଡ଼ାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜାତି' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଥିଲା।

*–ତନୁଜା ସେଠୀ, ଭବାନୀପାଟଣା*

*ସାଥୀର ଉତ୍ତରଗୁଡ଼ିକ ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ସାହିତ୍ୟିକ ସୁରଥ ଚନ୍ଦ୍ର ମଲ୍ଲିକଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ଖୁବ୍ ମନଛୁଆଁ ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଆନିମଲ୍ ପ୍ରିଣ୍ଟ ଫୁଟ୍‌ୱେର' ସମ୍ପର୍କରେ ବହୁ ଅଜଣା ତଥା ଜରୁରୀ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ।

*–ସ୍ୱପ୍ନାମୟୀ ସାହୁ, ନୟାଗଡ଼*

*ହାଃ ହାଃ ପଢିବାକୁ ମୋତେ ବହୁତ ଭଲ ଲାଗେ। ଏହା ଖୁବ୍ ମଜାଦାର୍ ହେଉଥିବାରୁ ମୁଁ ସବୁବେଳେ ଏହାକୁ ପଢିଥାଏ। ସେହିପରି କାର୍ଟୁନ କର୍ନର ବି ମୋର ଖୁବ୍ ପ୍ରିୟ। ଅନ୍ୟପକ୍ଷେ ସହର ପୃଷ୍ଠାରେ ସ୍ଥାନିତ 'ସ୍ୱାମୀନାରାୟଣ ଅକ୍ଷରଧାମ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ମୋତେ ବହୁତ ଖୁସି ଲାଗିଥିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ହ୍ୱିଲ ଚେୟାରରେ ବ୍ୟାକ୍‌ଫ୍ଲିପ୍' ପାଠଟି ପଢି ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲି।

*–ଶ୍ୱେତାଲିନ୍ ତ୍ରିପାଠୀ, ରାଉରକେଲା*

*ଉକ୍ତ ସଂଖ୍ୟାର ଚିନ୍ମୟ ଚିନ୍ତନ 'ଦୁଇଶହ ଅଣଚାଳିଶ ଟଙ୍କାର କଥା'ଟି ଅତି ଗୁରୁତ୍ୱପୂର୍ଣ୍ଣ ତଥା ଶିକ୍ଷଣୀୟ ଆଲେଖ୍ୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବ୍ୟାଡମିଣ୍ଟନ ଓସ୍ତାଦ କୁକୁର', 'ତରଭୁଜର ଦାମ', ଆଦି ପାଠଗୁଡ଼ିକ ବେଶ ମଜାଦାର୍ ଥିଲା।

*–ନିହାରିକା ସାମଲ, ପଳାଶୁଣୀ, ଭୁବନେଶ୍ୱର*

## ବିଶେଷ ଚିଠି




ଛୁଟିଦିନ ମୋର ଛୁଟିଦିନ,
ତୁମ ସହ କେହି ନୁହେଁ ସମାନ।
ପ୍ରଚ୍ଛଦ ତୁମର ଭାରି ବଢିଆ,
ସାଥୀର ଉତ୍ତର କରେ କିମିଆ।
ବ୍ୟକ୍ତିତ୍ୱ ଦିଏ ଜୀବନୀର ବାର୍ତ୍ତା,
ସୃଜନ ଶିଖାଏ ସୃଜନଶୀଳତା।
ସିନେମା ବି ଲାଗେ ଭାରି ଚମତ୍କାର,
ନିଆରା ଲାଗେ ତୁମ ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ସତରେ ତୁମେ କେଡ଼େ ମହାନ୍।

*–ରାଧେଶ୍ୟାମ ତ୍ରିପାଠୀ, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମା’



ଯିଏ ନିଜ ଆୟୁଷକୁ ବାଜି ଲଗାଇ ସର୍ବଦା ପିଲାମାନଙ୍କର ଶୁଭକାମନା କରୁଥାଏ, ସକାଳ ପହରୁ ରାତି ହେବା ଯାଏ ପିଲାଙ୍କ ସେବାରେ ଲାଗିଥାଏ। ସିଏ ଆଉ କେହି ନୁହେଁ ସେ ହେଉଛି ମା’। ମା’ ଆଖିରେ ତା’ ପିଲାଙ୍କ ପାଇଁ ଥାଏ ଅନାବିଳ ସ୍ନେହ। ପିଲାଙ୍କ ଉପରକୁ କିଛି ବିପଦ ମାଡି ଆସିଲେ ନିଜ ପଣତ କାନିରେ ସେମାନଙ୍କୁ ଘୋଡ଼ାଇ ଦେଇ ବିପଦକୁ ସାମ୍ନା କରିଥାଏ ସିଏ। ସେଥିପାଇଁ ତ ମା’ଙ୍କୁ କୁହାଯାଏ ସର୍ବଂସହା। ତେଣୁ ମା’ ସବୁବେଳେ ସ୍ୱତନ୍ତ୍ର, ତା’ର ସ୍ଥାନ କେହି ନେଇପାରିବେ ନାହିଁ। ଏଠାରେ ସେମିତି କେତେଜଣ ମା’ଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନେ ତାଙ୍କ ପିଲାଙ୍କ ପାଇଁ ଏମିତି କିଛି କାମ କରିଛନ୍ତି ; ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ...

## ନିଜେ ଦୃଢ ହେବା ସହ ପୁଅକୁ ବି କଲେ ଦୃଢ଼

ଲିଣ୍ଡା ବାନନ୍ ଏବଂ ଟିମ୍ମି ବାନନ୍। ସମ୍ପର୍କରେ ସେମାନେ ମା’ପୁଅ। ଚିକାଗୋରେ ତାଙ୍କ ଘର। ପିଲାଟି ଦିନରୁ ଲିଣ୍ଡା ହଲ୍ଟ-ଓରାମ୍ ସିଣ୍ଡ୍ରୋମ, ଏକ ପ୍ରକାରର ରେୟାର୍ ଜେନେଟିକ୍ ଡିଜଅର୍ଡର ରୋଗରେ ପୀଡିତା। ଏହି ରୋଗ ହେଲେ ଜନ୍ମରୁ ହିଁ କାନ୍ଧ ପାଖରୁ ହାତ ନ ଥାଏ ଏବଂ ହୃତ୍‌ପିଣ୍ଡ ବି ଖୁବ୍ ଦୁର୍ବଳ ହୋଇଯାଇଥାଏ। ଏଭଳି ଶାରୀରିକ ଅକ୍ଷମତା ସତ୍ତ୍ୱେ ବି ଲିଣ୍ଡାଙ୍କୁ ତାଙ୍କ ବାପାମା’ ଖୁବ୍ ସ୍ନେହ ଆଦର କରୁଥିଲେ। ତାଙ୍କର ଅନ୍ୟ ଚାରି ପିଲାଙ୍କୁ ଯେମିତି ଦେଖୁଥିଲେ ଲିଣ୍ଡାଙ୍କୁ ମଧ୍ୟ ସେମିତି ଦେଖୁଥିଲେ। ଲିଣ୍ଡା ବି ସମସ୍ତଙ୍କ ସହ ଖୁସିରେ ମିଶି ମିଶି ଯେଉଁ କାମ ହାତରେ କରିବା କଥା ସେସବୁକୁ ପାଦ ସାହାଯ୍ୟରେ କେମିତି କରିହେବ ତାହା କ୍ରମେ ଶିଖି ଯାଇଥିଲେ ଏବଂ ନିଜର ସବୁ କାମ ସେ ବେଶ୍ ଆରାମରେ କରିପାରୁଥିଲେ। ହେଲେ ତାଙ୍କୁ ଯେତେବେଳେ ୫/୬ ବର୍ଷ ବୟସ ହୋଇଗଲା ତାଙ୍କ ବାପାମା’ ଚାହିଁଲେ ତାଙ୍କଠାରେ କୃତ୍ରିମ ହାତ ଲଗାଇବାକୁ। କିନ୍ତୁ ଲିଣ୍ଡା ଏହାକୁ ବ୍ୟବହାର କରିବାକୁ ଅମଙ୍ଗ ହେଲେ। କାରଣ ସେ ଚାହୁଁଥିଲେ ବିନା କାହାରି ସାହାଯ୍ୟରେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ। ହାତ ନ ଥିଲେ କ’ଣ ହେଲା ପାଦ ଦୁଇଟି ତ ଅଛି, ବାସ୍ ସେତିକି ହିଁ ଯଥେଷ୍ଟ ତାଙ୍କ ପାଇଁ। ଏହିପରି ଦିନ ପରେ ଦିନ ବିତି ଚାଲିଲା। ଆଉ ଲିଣ୍ଡା ପାଠ ପଢି ଏଲିମେଣ୍ଟାରୀ ଏଜୁକେଶନରେ ଡିଗ୍ରୀ ହାସଲ କଲେ। କ୍ରମେ ୨୦୦୪ରେ ସେ ରିଚାର୍ଡ ନାମକ ଜଣେ ଯୁବକଙ୍କୁ ବିବାହ ମଧ୍ୟ କରିଥିଲେ। ତାଙ୍କ ସ୍ୱାମୀ ଶାରୀରିକ ଓ ମାନସିକ ଭାବେ ଥିଲେ ସମ୍ପୂର୍ଣ୍ଣ ସୁସ୍ଥ। ବେଶ୍ ଭଲ ପାଇବା ଥିଲା ଉଭୟଙ୍କ ଭିତରେ। କିଛିଦିନ ପରେ ଲିଣ୍ଡା ଗର୍ଭବତୀ ହେଲେ। ଉଭୟ ପତିପତ୍ନୀ ବେଶ୍ ଖୁସି ଥିଲେ ନୂଆ ଅତିଥିର ସ୍ୱାଗତକୁ ନେଇ। କିନ୍ତୁ ସବୁକିଛି ଓଲଟ ପାଲଟ ହୋଇଗଲା କିଛିଦିନ ଭିତରେ ; ଯେତେବେଳେ ଡାକ୍ତର ଅଲଟ୍ରାସାଉଣ୍ଡରୁ ଜାଣିବାକୁ ପାଇଲେ ଯେ, ଲିଣ୍ଡାଙ୍କ ପେଟରେ ଥିବା ପିଲାଟି ମଧ୍ୟ ଲିଣ୍ଡାଙ୍କ ପରି ହଲ୍ଟ-ଓରାମ୍ ସିଣ୍ଡ୍ରୋମ ରୋଗରେ ପୀଡିତ।

**କେଉଁଠି ମା’ ନିଜେ ଭିନ୍ନକ୍ଷମ ତ କେଉଁଠି ସନ୍ତାନ ଭିନ୍ନକ୍ଷମ। ତଥାପି ଏମିତି ଲାଳନପାଳନ କରିଛନ୍ତି, ଆଉ ଦେଖେଇ ଦେଇଛନ୍ତି ଯେ ତାଙ୍କ ସନ୍ତାନ ନୁହେଁ କାହାଠାରୁ କମ୍...**

ଏକଥା ଜାଣିବା ପରେ ଲିଣ୍ଡା ଓ ତାଙ୍କ ସ୍ୱାମୀଙ୍କୁ ଖୁବ୍ ଆଘାତ ଲାଗିଥିଲା। କାରଣ କୌଣସି ବାପାମା’ ଚାହାନ୍ତି ନାହିଁ ଯେ, ତାଙ୍କର ଜନ୍ମ ହେବାକୁ ଥିବା ଶିଶୁଟି ଏମିତି କୌଣସି ରୋଗରେ ପୀଡିତ ହେଉ ଯାହା ତା’ର ଜୀବନଶୈଳୀ ଉପରେ ଖୁବ୍ ପ୍ରଭାବ ପକାଇବ। ତଥାପି ସେମାନେ ସାହସ ବାନ୍ଧି ଅପେକ୍ଷା କରିଥିଲେ ପିଲାଟିର ଜନ୍ମ ହେବାକୁ। ୨୦୦୫ ମେ ୨ରେ, ଲିଣ୍ଡାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେଲା, ଯାହାର ନାଁ ଦିଆଗଲା ଟିମ୍ମି। ଜନ୍ମରୁ ହିଁ ଟିମ୍ମିଙ୍କର ହାତ ଦୁଇଟି ନ ଥିଲା ଆଉ ତା’ସାଙ୍ଗକୁ ତାଙ୍କ ହୃତପିଣ୍ଡ ବି ଖୁବ୍ ଦୁର୍ବଳ ଥିଲା। ତେଣୁ ଜନ୍ମ ହେବାର ୮ ଦିନ ପରେ ଟିମ୍ମିଙ୍କର ଓପନ୍ ହାର୍ଟ ସର୍ଜରି ହେଲା ଆଉ ସେ ଦୁଇ ମାସ ଆଇସିୟୁରେ ରହିଲେ। ତା’ପରେ ଧୀରେ ଧୀରେ ତାଙ୍କ ଦେହ ସୁସ୍ଥ ହୋଇଥିଲା ଆଉ ସିଏ ତାଙ୍କ ବାପାମା’ଙ୍କ ସହ ଘରକୁ ଆସିଥିଲେ। ଟିମ୍ମି ଟିକେ ଜାଣିବାର ହୋଇଯିବା ପରେ ଲିଣ୍ଡା ତାଙ୍କୁ କ୍ରମେ ପାଦ ସାହାଯ୍ୟରେ ଦାନ୍ତ ଘଷିବା, ମୁଣ୍ଡ କୁଣ୍ଡାଇବା, ଖାଦ୍ୟ ଖାଇବା, ଲେଖିବା, ବହି ଧରି ପଢିବା, ଚିତ୍ର ଆଙ୍କିବା ଆଦି ଛୋଟମୋଟ କାମ କେମିତି କରିହେବ ତାହା ଶିଖାଇ ଦେଇଥିଲେ। କାରଣ ପିଲାଟି ଦିନରୁ ଲିଣ୍ଡା ମଧ୍ୟ ଏହିସବୁ କାମ ତାଙ୍କ ପାଦ ସାହାଯ୍ୟରେ କରିଆସୁଥିଲେ। କେବଳ ସେତିକି ନୁହେଁ ଧୀରେ ଧୀରେ ଲିଣ୍ଡା ତାଙ୍କୁ ପାଦ ସାହାଯ୍ୟରେ କମ୍ପ୍ୟୁଟର୍ ଚଲାଇବା, ଭିଡିଓ ଗେମ୍ ଧରି ଖେଳିବା, ସୁଇମିଂ ପୁଲ୍‌ରେ ପହଁରିବା ତଥା ଅନ୍ୟ କେତେକ ଜରୁରୀ କାର୍ଯ୍ୟ ବି ପାଦ ସାହାଯ୍ୟରେ କରିବା ଶିଖାଇ ଦେଇଥିଲେ। ଏ ନେଇ ସ୍ଥାନୀୟ ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଲିଣ୍ଡା କହିଥିଲେ ଯେ, ପ୍ରଥମେ ପ୍ରଥମେ ଖୁବ୍ ଚିନ୍ତା ଲାଗୁଥିଲା ଟିମ୍ମିର ଭବିଷ୍ୟତକୁ ନେଇ। କିନ୍ତୁ ପରେ ମୁଁ ମୋ ବାପାମା’ଙ୍କ କଥା ଭାବିଲି। ସେମାନଙ୍କର ଯଦି ମୋର ଏଭଳି ଅବସ୍ଥାକୁ ନେଇ କିଛି ବି ଅନୁଶୋଚନା ନ ଥିଲା ତା’ହେଲେ ମୁଁ କି ମୋ ସ୍ୱାମୀ କାହିଁକି ମନଦୁଃଖ କରିବୁ। ବରଂ ଟିମ୍ମି କେମିତି ସବୁ ପରିସ୍ଥିତିକୁ ସାହସର ସହ ସାମ୍ନା କରିପାରିବ ସେ ନେଇ କ୍ରମେ ଚେଷ୍ଟା କରିବା ଆରମ୍ଭ କରିଦେଲୁ ; ଯାହାର ଫଳସ୍ୱରୂପ, ଟିମ୍ମି ଏବେ ପ୍ରାୟତଃ ସବୁକାମ ବେଶ୍ ସହଜରେ ଆଉ ସୁବିଧାରେ କରିପାରୁଛି ; ଆଉ ଯାହାକୁ ଦେଖିଲେ ଆମକୁ ବହୁତ ଖୁସି ମଧ୍ୟ ଲାଗୁଛି। ତେବେ ସେ ଯାହା ବି ହେଉ, ଶାରୀରିକ ଅକ୍ଷମତା ସତ୍ତ୍ୱେ ବି ପୁଅ ଟିମ୍ମିକୁ ସାଧାରଣ ଜୀବନ ଜିଇବାର ବାଟ ଦେଖାଇବାରେ ମା’ ଲିଣ୍ଡାଙ୍କର ଥିବା ଭୂମିକା ସତରେ ପ୍ରଶଂସା ଓ ସମ୍ମାନଯୋଗ୍ୟ।

## ବିନା ହାତରେ ବି ଝିଅର ନେଉଛନ୍ତି ଯତ୍ନ

ବେଲଜିୟମ୍‌ର ବ୍ରସେଲ୍ସ ସହରରେ ୧୯୮୨ ମସିହାରେ ଜନ୍ମଗ୍ରହଣ କରିଥିଲେ ସାରାହ ତଲ୍‌ବି। ଜନ୍ମରୁ ହିଁ ତାଙ୍କର ଦୁଇହାତ ନ ଥିଲା। ପରିବାର ଲୋକଙ୍କ ସହଯୋଗ ଓ ନିଜର ଚେଷ୍ଟା ବଳରେ ସେ ଧୀର ଧୀରେ ପାଦର ଅଙ୍ଗୁଳି ସାହାଯ୍ୟରେ ନିଜର ନିତ୍ୟକର୍ମ କରିବାକୁ ଲାଗିଲେ। ଦାନ୍ତ ଘଷିବାଠାରୁ ଆରମ୍ଭ କରି ଖାଦ୍ୟ ଖାଇବା, ପାଣି ପିଇବା, ଏପରି କି ପୋଷାକ ପିନ୍ଧିବାରେ ମଧ୍ୟ ତାଙ୍କୁ ସେମିତି କିଛି ଅସୁବିଧା ଅନୁଭବ ହେଉ ନ ଥିଲା। କିନ୍ତୁ ପଦାଙ୍ଗୁଳି ସାହାଯ୍ୟରେ ଲେଖାଲେଖି କଲାବେଳେ ତାଙ୍କୁ ପ୍ରଥମେ ପ୍ରଥମେ ଭୀଷଣ କଷ୍ଟ ହେଉଥିଲା। ବହୁ ଚେଷ୍ଟା କରିବା ପରେ ପଦାଙ୍ଗୁଳି ସାହାଯ୍ୟରେ ସେ ସୁନ୍ଦର ଭାବେ ଲେଖି ମଧ୍ୟ ପାରିଲେ। ଖାଲି ଲେଖିଲେ ନାହିଁ କ୍ରମେ ଅତି ସୁନ୍ଦର ସୁନ୍ଦର ପେଣ୍ଟିଂ ମଧ୍ୟ ସେ କରିବାକୁ ଲାଗିଲେ। ପେଣ୍ଟିଂ ଯେମିତି ସୁନ୍ଦର କରୁଥିଲେ ପାଠ ବି ସେମିତି ଭଲ ପଢୁଥିଲେ ସାରାହ। ଇଂଲିଶ ଓ ସ୍ପାନିଶ୍ ଟ୍ରାନ୍ସଲେଶନ କ୍ଷେତ୍ରରେ ତାଙ୍କର ରହିଥିଲା ଖୁବ୍ ଦକ୍ଷତା। ସେହି ଦିଗରେ କ୍ୟାରିୟର୍ କରିବା ସହ ତାଙ୍କର ପେଣ୍ଟିଂଗୁଡ଼ିକ ବିଭିନ୍ନ ଏକ୍‌ଜିବିଶନରେ ପ୍ରଦର୍ଶିତ ମଧ୍ୟ କରାଯାଉଥିଲା। ସେଥିରୁ କିଛି ରୋଜଗାର ମଧ୍ୟ ତାଙ୍କର ହୋଇଯାଉଥିଲା। ଏମିତି ଏମିତିରେ ତାଙ୍କର ବାହାଘର ମଧ୍ୟ ହୋଇଗଲା। ଆଉ ୨୦୧୮ରେ ତାଙ୍କ କୋଳକୁ ଲିଲିଆ ନାମ୍ନୀ ସୁନ୍ଦରୀ ଝିଅଟିଏ ଆସିଲା। ଝିଅକୁ ପାଇ ସାରାହଙ୍କୁ ଯେମିତି ଦୁନିଆର ସବୁ ଖୁସି ମିଳି ଯାଇଥିଲା। ତାଙ୍କୁ ଲାଗୁଥିଲା ଆଜିଯାଏ ସେ କ୍ୟାରିୟରରେ ଯେତିକି ସଫଳତା କିମ୍ବା ସମ୍ମାନ ପାଇଛନ୍ତି ତାହା କିଛି ନୁହେଁ, ଝିଅ ଲିଲିଆ ହିଁ ହେଉଛନ୍ତି ତାଙ୍କର ସବୁଠୁ ବଡ଼ ସମ୍ମାନ ଆଉ ଭଗବାନଙ୍କ ତରଫରୁ ମିଳିଥିବା ସବୁଠୁ ସୁନ୍ଦର ଉପହାର। ବାସ୍ ଝିଅ ଲିଲିଆ ପାଇଁ ସେ ନୂଆ ଭାବେ ଜୀବନକୁ ଜିଇବାକୁ ଲାଗିଲେ। ଝିଅର କେମିତି ଦେଖାଚାହାଁ କରିବେ ସେ ନେଇ ନିଜକୁ ପ୍ରସ୍ତୁତ ମଧ୍ୟ କରିନେଲେ। ହାତ ନ ଥିଲେ କ’ଣ ହେଲା ତାଙ୍କର ପାଦ ଦୁଇଟି ହିଁ ଯଥେଷ୍ଟ ଥିଲା ଝିଅର ସବୁକଥା ବୁଝିବା ପାଇଁ। ସକାଳୁ ସ୍ନେହରେ ଝିଅକୁ ଉଠାଇବାଠାରୁ ଆରମ୍ଭ କରି ତାକୁ ଦାନ୍ତ ଘଷାଇବା, ରୋଷେଇ କରି ଝିଅକୁ ଖୁଆଇବା, ପାଣି ପିଆଇବା ଏବଂ ରୁମାଲ୍‌ରେ ତା’ର ମୁହଁକୁ ସୁନ୍ଦର ଭାବେ ପୋଛିଦେବା, ଅଇଁଠା ବାସନକୁ ମାଜି ସଫା କରିବା ଏମିତି ଅନେକ କିଛି ସେ ନିଜ ପାଦ ଓ ପାଦର ଅଙ୍ଗୁଳି ସାହାଯ୍ୟରେ ବେଶ୍ ସୁନ୍ଦର ଭାବେ କରିପାରୁଥିଲେ। କ୍ରମେ ଏହାକୁ ନେଇ ସେ ଏକ ଭିଡିଓ ମଧ୍ୟ କରିଥିଲେ ଆଉ ଯାହାର ଟାଇଟଲ୍

→







ଲିଣ୍ଡା ଓ ଟିମ୍ମି






ସାରାହ ଓ ଲିଲିଆ

ରଖିଥିଲେ 'ଫୁଲ୍ ଆର୍ମଲେସ୍ ମମ୍ ଆଫ୍ଟରନୁନ୍ ରୁଟିନ୍'। ପରେ ଏହି ଭିଡିଓଟିକୁ ସେ ନିଜର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଅପ୍‌ଲୋଡ୍ କରିବା ପରେ ତାଙ୍କୁ ଭିୟୋର୍ସଙ୍କର ବହୁ ପ୍ରଶଂସା ମିଳିଥିଲା। ଏହି ଭିଡିଓଟିକୁ ପ୍ରାୟ ୪ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଲୋକ ଦେଖିବା ସହ ୫୦ ହଜାରରୁ ଊର୍ଦ୍ଧ୍ୱ ଲାଇକ୍ସ ମିଳିଥିଲା। ତା'ସହିତ ପ୍ରାୟ ୩,୫୦୦ଟି ଭଲ କମେଣ୍ଟ ବି ସାରାହ ପାଇଥିଲେ ; ଯାହା କି ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ବାସ୍ ତା'ପରଠୁ କ୍ରମାଗତ ଭାବେ ସାରାହ ନିଜ ଝିଅ ସହ କିଛି ନା କିଛି ବିଶେଷ ମୁହୂର୍ତ୍ତର ଭିଡିଓ କରି ଉକ୍ତ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଅପ୍‌ଲୋଡ୍ କରିଆସୁଛନ୍ତି ଆଉ ତାକୁ ବି ଲୋକେ ବହୁତ ପସନ୍ଦ କରୁଛନ୍ତି। ଏହା ସହିତ ସାରାହଙ୍କ ନିଜର ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ମଧ୍ୟ ରହିଛି। ଏଥିରେ ବି ସେ ଫଟୋ ଆଉ ଭିଡିଓ ମଧ୍ୟ ଶେୟାର୍ କରିଥାନ୍ତି। ତେବେ ସେ ଯାହା ହେଉନା କାହିଁକି ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ନ ହୋଇ ବି ସାରାହ ଖୁବ୍ ସୁନ୍ଦର ଭାବେ ନିଜ ଝିଅର ଯତ୍ନ ନେବା ସହ ନିଜ ପାଇଁ ଓ ନିଜ ଝିଅ ପାଇଁ ଯେଉଁ ଲୋକପ୍ରିୟତା ଆଣିପାରିଛନ୍ତି ତାହା ସତରେ ବେଶ୍ ପ୍ରଶଂସାଯୋଗ୍ୟ।

## ପୁଅକୁ କାନ୍ଧରେ କାନ୍ଧେଇ କରୁଛନ୍ତି ଭ୍ରମଣ

ନିକ୍କି ଓ ଜିମ୍ମି ଅନ୍ତରାମ୍। ସମ୍ପର୍କରେ ସେମାନେ ମା'ପୁଅ। ନିକ୍କିକୁ ଯେତେବେଳେ ମାତ୍ର ୧୭ ବର୍ଷ ବୟସ ହୋଇଥିଲା ସେ ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଜିମ୍ମି ଆସିଥିଲେ ତାଙ୍କ କୋଳକୁ। ଡଉଲ ଡାଉଲ ପୁଅକୁ ଦେଖି ନିକ୍କି ବେଶ୍ ଖୁସି ହୋଇଯାଇଥିଲେ କିଛି କ୍ଷଣ ପାଇଁ। କିନ୍ତୁ ଯେତେବେଳେ ଜଣାପଡିଲା ଯେ, ଜିମ୍ମି ଜନ୍ମରୁ ମାନସିକ ଓ ଶାରୀରିକ ଭାବେ ଭିନ୍ନକ୍ଷମ ଏବଂ ତା'ସହିତ ତାଙ୍କର ଦୃଷ୍ଟିଶକ୍ତି ବି ନାହିଁ, ସେତେବେଳେ ନିକ୍କି ନିଜକୁ ଆଦୌ ସମ୍ଭାଳି ପାରି ନ ଥିଲେ। ଖୁବ୍ ଭାଙ୍ଗି ପଡିଥିଲେ ସିଏ। ହେଲେ ଧୀରେ ଧୀରେ ନିଜକୁ ସମ୍ଭାଳି ନେଇ ପୁଅର ଦେଖାଚାହାଁରେ ଦିନ କାଟିବାକୁ ଲାଗିଲେ। ନିଜେ ପୁଅର ସବୁ କାମ କରିବା ସହ ତାକୁ ଜୀବନର ସବୁ ଖୁସି ଦେବା ପାଇଁ ସେ ମନେ ମନେ ନିଷ୍ପତ୍ତି ବି ନେଇଥିଲେ। ପୁଅ କିଛି ଦେଖିପାରୁ ନ ଥିଲେ ବି ସେ ସବୁବେଳେ ଚେଷ୍ଟା କରୁଥିଲେ ତାଙ୍କ ଆଖିରେ ପୁଅକୁ ଦୁନିଆ ଦେଖାଇବା ପାଇଁ। ସେଥିପାଇଁ ତାଙ୍କୁ ବେଶି ସମୟ ପୁଅ ସହିତ ରହିବାକୁ ପଡୁଥିଲା। ଏପରି କି ପେଟ ପୋଷିବା ପାଇଁ ସିଏ ଏକ ଚାକିରି ମଧ୍ୟ କରିଥିଲେ। ସେଥିପାଇଁ ବି ତାଙ୍କୁ କିଛି ସମୟ ବାହାର କରିବାକୁ ପଡୁଥିଲା। ଅବଶ୍ୟ ନିକ୍କିଙ୍କର ସଚ୍ଚୋଟତା, ପରିଶ୍ରମ ତଥା ତାଙ୍କର ପୁଅର ଅବସ୍ଥାକୁ ବୁଝି ଅଫିସ କର୍ମଚାରୀ ତାଙ୍କୁ ବହୁତ ସାହାଯ୍ୟ କରୁଥିଲେ। ନିକ୍କି ଥିଲେ ଟିକେ ପ୍ରକୃତିପ୍ରେମୀ, ତା'ସାଙ୍ଗକୁ ଭ୍ରମଣପ୍ରିୟା। ବିଭିନ୍ନ ଦୁଃସାହସିକ ପଏଣ୍ଟକୁ ବୁଲିଯିବାରେ ତାଙ୍କର ଥିଲା ବେଶ୍ ରୁଚି। ତେଣୁ ସେ ଚିନ୍ତାକଲେ ପୁଅକୁ ମଧ୍ୟ ସାଙ୍ଗରେ ନେଇ ଏମିତି ବିଭିନ୍ନ ସ୍ଥାନକୁ ବୁଲିଯିବେ ; ଯଦ୍ୱାରା ବୁଲିବା ହେବ ଆଉ ପୁଅ ବି ଦୁନିଆ ବିଷୟରେ କିଛି ଜାଣିଯିବ। ତାଙ୍କର ଏହି ନିଷ୍ପତ୍ତିକୁ ତାଙ୍କ ସହଯୋଗୀମାନେ ବି ପସନ୍ଦ କରିଥିଲେ। ସେଥିପାଇଁ ତାଙ୍କୁ ଅଫିସ୍ ତରଫରୁ ଛୁଟି ମଞ୍ଜୁର କରି ଦିଆଯାଇଥିଲା। ଆଉ ସେହି ଛୁଟିରେ ମା'ପୁଅ ବାହାରି ପଡିଥିଲେ ଭ୍ରମଣରେ। ଯା'ଭିତରେ ସେମାନେ ବାଲି, ହାୱାଇ ତଥା ଅନ୍ୟ କେତେକ ଦୁଃସାହସିକପୂର୍ଣ୍ଣ ସ୍ଥାନ ବୁଲି ସାରିଲେଣି। ମା'ଙ୍କ ସହ ଜିମ୍ମି ବୁଲିଯାଇ ବହୁତ ଖୁସି ବି ଅନୁଭବ କରିଛନ୍ତି। ବିଶେଷକରି ଜଳ ତଥା ପାହାଡ, ଜଙ୍ଗଲ ଘେରା ସ୍ଥାନକୁ ବୁଲିଯିବାରେ ଜିମ୍ମିଙ୍କୁ ବହୁତ ଖୁସି ଲାଗିଥାଏ। ସେଥିପାଇଁ ନିକ୍କି ଅଧିକରୁ ଅଧିକ ଜିମ୍ମିକୁ ନେଇ ସେହି ସବୁ ସ୍ଥାନକୁ ବୁଲି ଯାଇଥାନ୍ତି। ଅବଶ୍ୟ କରୋନା ପାଇଁ ମଝିରେ କିଛିଦିନ ସେମାନଙ୍କର ବୁଲିବା ବନ୍ଦ ହୋଇଯାଇଥିଲା। ଏବେ ପୁଣିଥରେ ସେମାନେ ନୂଆ ଜାଗା ବୁଲିଯିବାକୁ ପ୍ଲାନିଂ କଲେଣି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ନିକ୍କି ଜିମ୍ମିଙ୍କୁ ନେଇ ଯୁଆଡ଼େ ବି ବୁଲି ଯାଇଥାନ୍ତି, ତାଙ୍କୁ ନିଜ କାନ୍ଧରେ ବୋହି କି ହିଁ ନେଇଥାନ୍ତି। ହ୍ୱିଲ୍ ଚେୟାର୍‌ର ବ୍ୟବହାର କରିବାକୁ ଅନେକ ଲୋକ ତାଙ୍କୁ ପରାମର୍ଶ ଦେଲେଣି। କିନ୍ତୁ ନିକ୍କି ସେମିତି କିଛି ବି କରୁ ନାହାନ୍ତି। ତାଙ୍କୁ ହ୍ୱିଲ୍ ଚେୟାର୍‌ରେ ପୁଅକୁ ବସାଇବା ଆଦୌ ପସନ୍ଦ ନୁହେଁ। ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ନିକ୍କି କହିଛନ୍ତି ଯେ, ''ମୋ ଶରୀରରେ ବଳ ଥିବା ପର୍ଯ୍ୟନ୍ତ ମୁଁ ମୋ ପୁଅକୁ ଏମିତି କାନ୍ଧରେ ବୋହିକି ସବୁ ଜାଗାକୁ ଯିବି। ତାକୁ ମୋ ଠାରୁ ଆଦୌ ଅଲଗା କରିବି ନାହିଁ। ସେ ମୋର ଜୀବନ ଆଉ ମୁଁ ତା'ର। ମା'ଛଡ଼ା ସେ ଆଉ କିଛି ଜାଣେନି। ମୋ ଆଖିରେ ସେ ଦୁନିଆ ଦେଖିବାକୁ ଚେଷ୍ଟା କରୁଛି। ତେଣୁ ମୁଁ ତା'ସହିତ ଛାଇ ହୋଇ ସବୁବେଳେ ରହିବାକୁ ଚାହେଁ। ତା'ସହିତ ଏବେ ମୁଁ ତାକୁ ବାଡି ଧରି ଟିକେ ଟିକେ ଚଲାଇବା ମଧ୍ୟ ଶିଖାଉଛି। ଏଥିରେ କେତେ ଦୂର ସଫଳ ହେବି ଜାଣିନି ; ସବୁକିଛି ଭଗବାନଙ୍କ ଉପରେ ଛାଡ଼ି ଦେଇଛି।''


## ମା'ଙ୍କ ପ୍ରେରଣାରେ ପୁଣିଥରେ ବଞ୍ଚିବା ଶିଖିଲା ଝିଅ

କଲମ୍ବିଆର ବୋଗୋଟା ଅଞ୍ଚଳର ଜଣେ ଝିଅ ହେଲେ ଜୁଲି ସାନ୍‌ଗୁଇନୋ। ଜନ୍ମରୁ ସିଏ ଟେଟ୍ରା-ଆମେଲିଆ ସିଣ୍ଡ୍ରୋମ୍ ନାମରେ ଏକ ରେୟାର୍ ଜେନେଟିକ୍ ଡିଜ୍‌ଅର୍ଡର ରୋଗରେ ପୀଡିତା। କୁହାଯାଏ, ଏହି ରୋଗ ହେଲେ ମା' ପେଟ ଭିତରୁ ହିଁ ଶିଶୁଟିର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଠିକ୍‌ଭାବେ ବିକଶିତ ହୋଇ ନ ଥାଏ। ଜୁଲିଙ୍କ କ୍ଷେତ୍ରରେ ଠିକ୍ ସେୟା ହିଁ ଘଟିଥିଲା। ଜନ୍ମରୁ ହିଁ ଜୁଲିଙ୍କର ହାତଗୋଡ଼ ଠିକ୍ ଭାବେ ବିକଶିତ ହୋଇପାରି ନ ଥିଲା। ତାଙ୍କର ଏଭଳି ଅଜବ ଶରୀର ପାଇଁ ତାଙ୍କୁ ଅନେକେ ଏଲିଏନ୍ ଛୁଆ ବୋଲି ବି ଚିଡ଼ାଉଥିଲେ। କେହି ତାଙ୍କ ସହ ମିଶୁ ନ ଥିଲେ। ଦୁର୍ଭାଗ୍ୟକୁ ତାଙ୍କୁ ଯେତେବେଳେ ମାତ୍ର ଦୁଇ ବର୍ଷ ବୟସ ହୋଇଥିଲା ଜୁଲିଙ୍କର ବାପା ଆତ୍ମହତ୍ୟା କରିଦେଲେ। ଜୁଲିଙ୍କୁ ମିଶାଇ ଛଅଟି ପିଲାଙ୍କର ସବୁ ଦାୟିତ୍ୱ ଏକାକୀ ବୁଝିବାକୁ ପଡିଲା ଜୁଲିଙ୍କର ମା' ଗୁଇଲର୍‌ମିନାଙ୍କୁ। ଅନ୍ୟ ସବୁ ପିଲା ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ହେଁ ଜୁଲିଙ୍କର ଏଭଳି ଶାରୀରିକ ଗଠନ ଗୁଇଲର୍‌ମିନାଙ୍କୁ ଭିତରେ ଭିତରେ ଭାଙ୍ଗି ପକାଉଥିଲା। ତଥାପି ସେ ଦୃଢ଼ମନା ହେଲେ ଆଉ ଜୁଲିଙ୍କୁ ସାଧାରଣ ମଣିଷଙ୍କ ପରି ବଞ୍ଚିବା ପାଇଁ ବିଭିନ୍ନ କଥା ଶିଖାଇଲେ। ଜୁଲି କିପରି ବିନା କାହାରି ସାହାଯ୍ୟରେ ଦାନ୍ତ ଘଷିପାରିବ, ପୋଷାକ ବଦଳାଇପାରିବ, ଖାଦ୍ୟ ଖାଇପାରିବ ତଥା ନିଜର ଜରୁରୀ କାମଗୁଡ଼ିକ କରିପାରିବ, ସେ ନେଇ ଜୁଲିଙ୍କୁ ସବୁବେଳେ ବୁଝାଉଥିଲେ ଆଉ ଶିଖାଉଥିଲେ ତାଙ୍କ ମା'। ଏହିପରି ଦିନ ପରେ ଦିନ ଗଡି ଚାଲିଲା। ପାଠଶାଠ ପଢାଇ ଜୁଲିଙ୍କୁ ଶିକ୍ଷିତ କରାଇବାରେ ମଧ୍ୟ ତାଙ୍କ ମା'ଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଏହିପରି ବେଶ୍ କିଛିବର୍ଷ ବିତିଗଲା। ଜୁଲିଙ୍କୁ ଯେବେ ୧୫ ବର୍ଷ ବୟସ ହୋଇଥିଲା, ଏକ ଅପ୍ରୀତିକର ପରିସ୍ଥିତି ଘଟିଲା ଜୁଲିଙ୍କ ସହ ; ଯାହା ତାଙ୍କୁ ବାଧ୍ୟ କରିଥିଲା ଆତ୍ମହତ୍ୟା କରିବାକୁ । ହେଲେ ସେ ଥରକ ବି ତାଙ୍କ ମା'ଙ୍କ ପାଇଁ ଜୁଲିଙ୍କର ଜୀବନ ବଞ୍ଚିଯାଇଥିଲା। ଝିଅକୁ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବାର ଦେଖି ମା' ଗୁଇଲର୍‌ମିନା ଦୌଡି ଆସି ଝିଅକୁ କୁଣ୍ଢାଇ ପକାଇଥିଲେ ଆଉ ପୁଣିଥରେ ନୂଆକରି ଜୀବନ ଗଢିବାକୁ ତାଙ୍କୁ ପ୍ରେରଣା ଦେଇଥିଲେ। ବାସ୍ ତା'ପରଠୁ ଜୁଲିଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା। ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲେ ମଧ୍ୟ ଜୁଲିଙ୍କର ପେଣ୍ଟିଂ କରିବାର କ୍ଷମତା ଥିଲା ଖୁବ୍ ଉଚ୍ଚକୋଟୀର। ସେ ପାଟିରେ ତୂଳୀ ଧରି ଖୁବ୍ ସୁନ୍ଦର ସୁନ୍ଦର ପେଣ୍ଟିଂ କରିପାରୁଥିଲେ। ଆଉ ତାକୁ ହିଁ ନେଇ କ୍ୟାରିୟର୍ କରିବାକୁ ସେ ଦୃଢମନା ହେଲେ। ସେଥିପାଇଁ ୧୮ ବର୍ଷ ବୟସରେ ସେ ଆର୍ଟ କଲେଜରେ ଜଏନ୍ କଲେ। କିଛିଦିନ ପରେ ତାଙ୍କର ପେଣ୍ଟିଂଗୁଡ଼ିକ ବିଭିନ୍ନ ଏକ୍‌ଜିବିଶନ୍‌ରେ ପ୍ରଦର୍ଶିତ ହେବାକୁ ଲାଗିଲା ଆଉ କ୍ରମେ ସେଗୁଡ଼ିକ ଭଲ ଦରରେ ବିକ୍ରି ମଧ୍ୟ ହେଲା। ଧୀରେ ଧୀରେ ତାଙ୍କର ନାଁ ହେବାରୁ ବିଭିନ୍ନ ସ୍କୁଲ୍, କଲେଜ ତଥା କାରାଗାର ତରଫରୁ ତାଙ୍କୁ ତାଙ୍କର ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ କିଛି କହିବାକୁ ତଥା ଅନ୍ୟ କିଛି ପ୍ରେରଣାଦାୟକ ଭାଷଣ ଦେବାକୁ ଆମନ୍ତ୍ରିତ କରାଗଲା ; ଯଦ୍ୱାରା ଛୋଟ ପିଲାମାନେ ତଥା ବନ୍ଦୀ ଜୀବନ କାଟୁଥିବା ବ୍ୟକ୍ତିମାନେ ତାଙ୍କଠାରୁ କିଛି ପ୍ରେରଣା ପାଇପାରିବେ। ତେବେ ସେ ଯାହା ବି ହେଉ ଜୁଲି ଆଜି ଯେଉଁ ସ୍ଥାନରେ ଆସି ପହଞ୍ଚିଛନ୍ତି, ତା'ପଛରେ ସମସ୍ତ ଶ୍ରେୟ ସିଏ ତାଙ୍କର ମା'ଙ୍କୁ ହିଁ ଦେଇଥାନ୍ତି। କାରଣ ତାଙ୍କ ମା' ହିଁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ବଞ୍ଚିବାର ନୂଆ ରାହା ଦେଖାଇ ଆସିଛନ୍ତି।

ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ପିଲାର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ମା'ର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ରହିଥାଏ ସେତିକି ସଂଘର୍ଷମୟ ମଧ୍ୟ ହୋଇଥାଏ।

-ଅମ୍ବିତା ମିଶ୍ର




ନିକ୍କି ଓ ଜିମ୍ମି


ଜୁଲି







# ଶଢ଼େଇରେ ତିଆରି କଳାକୃତି

ଓଡ଼ିଶାର ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ କଳା କାରିଗରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପୁଣି ହସ୍ତଶିଳ୍ପ କଳାରେ ନିୟୋଜିତ କାରିଗରମାନଙ୍କୁ ରୋଜଗାର ପନ୍ଥା ବି ମିଳିପାରୁଛି। ବିଭିନ୍ନ ସ୍ଥାନରେ ଆୟୋଜିତ ମେଳା, ମହୋତ୍ସବରେ କାରିଗରମାନେ ସେମାନଙ୍କ ହସ୍ତକଳା ପସରା ଖୋଲିଥାନ୍ତି। ହାତ ତିଆରି କଳାକୃତିଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। ଏଥିମଧ୍ୟରେ ମାଟି, ଗୋବର, ଲୁହା, ପିତଳ, କାଠ, ବାଉଁଶ, ବେତ, ଝୋଟ, ତାଳପତ୍ର, କପଡ଼ା, ନଡ଼ିଆକତା ଓ ନଡ଼ିଆ ଶଢ଼େଇରେ ତିଆରି କେତେକ ଘରକରଣା, ସୌଖୀନ ସାଜସଜ୍ଜା ସାମଗ୍ରୀ ବି ରହିଥାଏ। ମାତ୍ର ନଡ଼ିଆ ଶଢ଼େଇରେ ସୁନ୍ଦର ସୁନ୍ଦର କଳାକୃତିର କଥା ଅଲଗା। ଏହାକୁ ତିଆରି କରୁଥିବା ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ କଣିଆ ଗାଁର ଦେବୀପ୍ରସନ୍ନ ମହାନ୍ତି କୁହନ୍ତି, ମୁଁ ମାଟ୍ରିକ ଯାଏ ପଢ଼ିଛି। ସ୍କୁଲ ବୟସରେ ଗାଁରେ ବୁଲାବୁଲି କରୁଥିବା ବେଳେ ଅଧିକାଂଶ ସମୟ ଗୁଆଗଛରୁ ଗୁଆକୁ ଝଡ଼ାଇ ଘରକୁ ଆଣି ଗୋଟାଗୁଆକୁ ବୋଉକୁ ଦେଉଥିଲି। ଥରେ ଏକ ଗୁଆକୁ ଝଡ଼ାଇ ଆଣିଲା ପରେ ଅନ୍ୟମନସ୍କଭାବେ ସେଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏକ କଳାକୃତି ତିଆରି କରିଥିଲି। ଏପରି କଳାକୃତିକୁ ସେତେବେଳେ ବୋଉକୁ ଦେଖାଇଥିଲି। ଏଥିରେ ସେ ଖୁବ୍ ଖୁସି ହୋଇଯାଇଥିଲା। ମୁଁ ବହୁତ ଉତ୍ସାହିତ ହୋଇଯାଇଥିଲି। ଆଉ ଗୁଆରେ ଯେ ମହାପ୍ରଭୁଙ୍କ କଳାକୃତି ତିଆରି ହୋଇପାରୁଛି ଏଥିପାଇଁ ଅଧିକ ପରିମାଣରେ ଗୁଆ ସଂଗ୍ରହକରି ସେଥିରେ ବିଭିନ୍ନ କଳାକୃତି ତିଆରି କରିଥିଲି। ଥରେ ଭାବିଲି ଗୁଆରେ ଯଦି ହୋଇପାରୁଛି ନଡ଼ିଆ ଶଢ଼େଇରେ ତ କଳାକୃତି ହୋଇପାରିବ। ଏମିତି ପରିକଳ୍ପନାକରି ଘରୁ କେତୋଟି ନଡ଼ିଆ ଶଢ଼େଇକୁ ନେଇ ସେଥିରେ କେତୋଟି କପ୍, ଫୁଲଦାନୀ, ଚଢ଼େଇବସା ତିଆରି କରିଥିଲି। ସମସ୍ତେ ଏସବୁକୁ ଦେଖି ବହୁତ ପ୍ରଶଂସା କଲେ। ସେବେଠାରୁ ଆଉ ପଛକୁ ଫେରିନାହିଁ। ଆଜକୁ ପ୍ରାୟ ୨୦ବର୍ଷ ଧରି ନଡ଼ିଆ ଶଢ଼େଇରେ ଏମିତି ବିଭିନ୍ନ ପ୍ରକାରର କଳାକୃତି ତିଆରି କରି ଆସୁଛି। ପ୍ରତିଦିନ ଘରର କାମସାରି ବଳକା ସମୟରେ ନଡ଼ିଆ ଶଢ଼େଇ ସଂଗ୍ରହ କରିଥାଏ। ଏଥିରେ ତିଆରି କଳାକୃତିଗୁଡ଼ିକୁ ଘରେ ସାଇତି ରଖିଥାଏ। ଏଥିରେ କୌଣସି କଳାକୃତି ତିଆରି କରିବା ପୂର୍ବରୁ ପ୍ରଥମେ ନଡ଼ିଆ ଶଢ଼େଇକୁ ସାଇଜକରି ପଲିସ କରିଥାଏ। ତା' ପରେ ଶଢ଼େଇ ଉପରେ ବିଭିନ୍ନ କଳାକୃତିକୁ ଅଙ୍କନ କରେ। ଏମିତିକି ଶଢ଼େଇରେ କପ୍, ପାଣିଜଗ୍, ମଗ, କାନଫୁଲ, ପ୍ରଜାପତି, ଫୁଲଦାନୀ, ପେନ୍‌ଷ୍ଟାଣ୍ଡ, ଶୁଆସାରୀ, ଜଗନ୍ନାଥଙ୍କ କଳାକୃତି, କେତେକ ଜୀବଜନ୍ତୁଙ୍କ ଆକୃତି ଅଙ୍କନ କରିଥାଏ। ଶଢ଼େଇରେ କେତେକ ପ୍ରକାର ଚିତ୍ରକରି ସେଥିରେ ରଙ୍ଗ ଦେଇଥାଏ। ଗୋଟିଏ ଗୋଟିଏ ଶଢ଼େଇ କଳାକୃତିର ମୂଲ୍ୟ ୪୦ଟଙ୍କାରୁ ଆରମ୍ଭକରି ପ୍ରାୟ ୨ହଜାର ଟଙ୍କା ଯାଏ ରହିଛି। ଏହିସବୁ କଳାକୃତିକୁ ବିଭିନ୍ନ ମେଳା ମହୋତ୍ସବକୁ ବିକ୍ରିକରିବା ପାଇଁ ନେଇଥାଏ। ଏଥିପାଇଁ କେତେକ ଅନୁଷ୍ଠାନରୁ ମଧ୍ୟ ପୁରସ୍କୃତ ହୋଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଆଦିବାସୀ ମେଳା, ଶିଶିର ସରସ ସମେତ ବିଭିନ୍ନ ମେଳା ଓ ମହୋତ୍ସବରେ ଷ୍ଟଲ୍ ଖୋଲି ନଡ଼ିଆ ଶଢ଼େଇରେ ତିଆରି ବିଭିନ୍ନ ଖେଳନା ପ୍ରାୟ ୩୦ଟଙ୍କାରୁ ଆରମ୍ଭକରି ୨ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରିଥାଉ। ନଡ଼ିଆ ଶଢ଼େଇରେ ତିଆରି ବିଭିନ୍ନ କଳାକୃତି ଆମ ରାଜ୍ୟର ହସ୍ତକଳା କାରିଗରି ସମୃଦ୍ଧିରେ ସହାୟକ ହୋଇଥାଏ। **-ବନବିହାରୀ**

**ଏଥିପାଇଁ ବିଭିନ୍ନ ପ୍ରକାର ପଦାର୍ଥ ଓ ଧାତୁରେ ତିଆରି କେତେକ ସାମଗ୍ରୀ ନେଇ କାରିଗରମାନେ ସୁନ୍ଦର ସୁନ୍ଦର କଳାକୃତି ତିଆରି କରିଥାନ୍ତି। ଓଡ଼ିଶାର ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ କଳା କାରିଗରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପୁଣି ହସ୍ତଶିଳ୍ପ କଳାରେ ନିୟୋଜିତ କାରିଗରମାନଙ୍କୁ ରୋଜଗାର ପନ୍ଥା ବି ମିଳିପାରୁଛି...**











# କବିତାର ଲକ୍ଷ୍ୟଭେଦୀ ଶାୟକ : ବିପିନ ନାୟକ




**ସେ କବି ପୁଣି ଅର୍ଥନୀତି ପ୍ରାଧ୍ୟାପକ । ଲୋକେ କହନ୍ତି କବିତା ସହ ଅର୍ଥନୀତିର ପଡେ ନାହିଁ । ସେ କିନ୍ତୁ ଏକା ଘାଟକୁ ଆଣିପାରନ୍ତି ଉଭୟ କବିତାର କୋମଳତା ଓ ଅର୍ଥନୀତିର ବାସ୍ତବତା ...**

କବିତା ତାଙ୍କର ପ୍ରାଣ ସ୍ପନ୍ଦନ । ସ୍ପନ୍ଦିତ ଆବେଗରେ ଖଞ୍ଜି ହୋଇଥାଏ ଯେମିତି ଭାଷା, ଭାବ ଓ ଗୁଞ୍ଜରଣ । ତାଙ୍କ ଜୀବନଚର୍ଯ୍ୟାଠାରୁ ଆରମ୍ଭ କରି ସର୍ଜନ, ନିଃସରଣ ପର୍ଯ୍ୟନ୍ତ ସବୁଠି ଦିଶେ କବିତାର ଝଲକ । ଏମିତି ବି ସେ ଲେଖୁଥିବା ସାଧାରଣ ଗଦ୍ୟ ଧାଡିଟିରେ ଥାଏ କବିତାର ମାଦକତା । ସେ କବି ପୁଣି ଅର୍ଥନୀତି ପ୍ରାଧ୍ୟାପକ । ଲୋକେ କହନ୍ତି କବିତା ସହ ଅର୍ଥନୀତିର ପଡେ ନାହିଁ । ସେ କିନ୍ତୁ ଏକା ଘାଟକୁ ଆଣିପାରନ୍ତି ଉଭୟ କବିତାର କୋମଳତା ଓ ଅର୍ଥନୀତିର ବାସ୍ତବତା । ଅର୍ଥନୀତି ସ୍ନାତକରେ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ତଥା ଉଭୟ ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ସମାପନ ପରେ ଓଡିଶା ଶିକ୍ଷା ସେବା(ମହାବିଦ୍ୟାଳୟ ଶାଖା) ପାଇଁ ସେ ମନୋନୀତ ହୁଅନ୍ତି । ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ କାର୍ଯ୍ୟ କଲା ପରେ ୨୦୦୮ ମସିହାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅର୍ଥନୀତି ବିଭାଗର ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ହିସାବରେ ୨୦୦୮ ମସିହାରେ ଅବସର ଗ୍ରହଣ କରନ୍ତି । ସେତିକି ନୁହେଁ, ଜି.ଆଇ.ଆଇ.ଟି. ବ୍ରହ୍ମପୁରର ଡିନ୍ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ମଣିଷ ଜଣକ ଆଉ କେହି ନୁହନ୍ତି ଓଡ଼ିଆ କବିତା ଜଗତର ଅନ୍ୟତମ ଧାରା ପ୍ରବର୍ତ୍ତକ ବିପିନ ନାୟକ । ଇନ୍ଦ୍ରିୟବୋଧ ଓ ଜୀବନ ଜିଜ୍ଞାସାର ସମତଳରୁ ସେ ଗଢନ୍ତି କବିତା । ଜୀବନର ଅନୁପମ ସୌନ୍ଦର୍ଯ୍ୟରେ ତାଙ୍କ କାବ୍ୟ ନାୟକ ମୁଗ୍ଧ ହୁଏ । ଜୀବନର ଅର୍ଥ ଖୋଜିବାକୁ ପ୍ରଶ୍ନଆକୁଳ ବି ହୁଏ । କଳ୍ପନା ଓ ବାସ୍ତବର ଅପୂର୍ବ ସମନ୍ୱୟ ତାଙ୍କ କବିତାକୁ କରେ ଶାଣିତ । ଗଭୀର ଓ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ତାଙ୍କ କବିତାକୁ କରେ ପ୍ରଜ୍ଞା ମଣ୍ଡିତ । ଇନ୍ଦ୍ରିୟବୋଧ ତାଙ୍କ କବିତାକୁ କରେ ପ୍ରାଣବନ୍ତ । ଏ ଯାବତ ତାଙ୍କର ଆଠଟି କବିତା ଗ୍ରନ୍ଥ ପ୍ରକାଶିତ । ସେଗୁଡିକ ହେଲା – ପାଦ ଶବ୍ଦ, ନଈର ନକ୍ସା, ପବନର ଝୋଟି, ବନ୍ଦ ଘରର ବାସ୍ନା, ଆଲୁଅର ଆତ୍ମଲିପି, ସ୍ୱର ଚିତ୍ର, ଅପୁସ୍ତକ ଓ ଷଡ଼ଜ। ଶେଷୋକ୍ତ ବହିଟି ତାଙ୍କର ଛ' ଟି କବିତା ବହିର ଏକ ସଂଯୋଜିତ ରୂପ । ତାଙ୍କର କବିତାର ସ୍ୱରୂପ ସମ୍ପର୍କରେ ଅନେକ ବିଦ୍ୱାନଙ୍କ ଦ୍ୱାରା ରଚିତ ପ୍ରବନ୍ଧଗୁଡିକର ଏକ ସମାହାର ବିପିନୀୟ କାବ୍ୟ ସମ୍ଭାର: ବିଦଗ୍ଧ ବିଚାର ନାମରେ ପ୍ରକାଶ ପାଇଛି। ଏହା ତାଙ୍କ କବିତାର ଗର୍ଭଗୃହକୁ ଏକ ପ୍ରବେଶ ପଥ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ବିଷୁବ ଝଙ୍କାର ପୁରସ୍କାର, ସାରଳା ସାହିତ୍ୟ ସଂସଦ ସମ୍ମାନ, ଚନ୍ଦ୍ରଭାଗା ସମ୍ମାନ, ବିରଜା ସମ୍ମାନ, ଚେତାବନୀ ସାହିତ୍ୟ ସଂସଦ ସମ୍ମାନ, ସଚିବାଳୟ ଲେଖକ ପରିଷଦ ସମ୍ମାନ, କଳିଙ୍ଗ ସାହିତ୍ୟ ସମାଜ ତରଫରୁ ସମ୍ମାନ, ଶ୍ୱେତପଦ୍ମା ସମ୍ମାନ, ଆଦର୍ଶ ପାଠାଗାର ସମ୍ମାନ , ଫଲ୍ଗୁ ସାହିତ୍ୟ ସମାଜ ତରଫରୁ ସମ୍ମାନ, ଫୁଲବାଣୀ ପୁସ୍ତକମେଳା ସମ୍ମାନ, ଚଲାପଥ ପୁରସ୍କାର ଭଳି ଅନେକ ମର୍ଯ୍ୟାଦାଜନକ ସମ୍ମାନ ହାସଲ କରିଥିବା ବିପିନ ନାୟକ ଗଳ୍ପଲିଖନରେ ମଧ୍ୟ ନିଜ କାରିଗରି ଦେଖେଇ ପାଠକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ତାଙ୍କର ଗଳ୍ପ କଥା, ପ୍ରତିବେଶୀ, ଶିଶିର, ନବରବି, ବିଶ୍ୱମୁକ୍ତି ଭଳି ପତ୍ରିକାରେ ପ୍ରକାଶ ପାଇ ପାଠକମାନଙ୍କ ପାଇଁ ଛାଡ଼ି ଦେଇଛି ବିପିନ ନାୟକୀୟ ଶୈଳୀ ସ୍ୱାକ୍ଷର । ପ୍ରକାଶ ପାଇବାକୁ ଥିବା ପୁସ୍ତକ ' ବିବିଧ ବିପିନ ' ତାଙ୍କ ଚମତ୍କାର ଗଳ୍ପ ଓ ଗଦ୍ୟଶୈଳୀର ଏକ ଉଜ୍ଜ୍ୱଳ ସ୍ୱାକ୍ଷର । ନିଜକୁ ପ୍ରଚାର ଓ ପ୍ରସାରଠାରୁ ଦୂରରେ ରଖି ଆପଣା ଜୀବନ ଦର୍ଶନ ଓ ସାଧନାରେ ଜିଇବାକୁ ଚାହୁଁଥିବା ବିପିନ ନାୟକ ତାଙ୍କ ସ୍ୱଭାବକୁ ଯଥାର୍ଥରେ 'ଯିଶୁ' କବିତାରେ ସୂଚେଇଛନ୍ତି ,

''ଛାତିକୁ ବିଦ୍ଧ କରୁଥିବା କଣ୍ଟାକୁ
କେମିତି ଫିଙ୍ଗିବି
ଯୁଆଡେ ଫିଙ୍ଗିଲେ ବି
କେହି ନା କେହି ତ
ରକ୍ତାକ୍ତ ହେବ ।''

ଭିଡ଼ ଭିତରୁ ବାରି ହୋଇପଡୁଥିବା ଶାନ୍ତ , ଗଭୀର ଓ ପ୍ରାଜ୍ଞ ବ୍ୟକ୍ତିତ୍ୱଧାରୀ ଏହି ମଣିଷ ଜଣଙ୍କୁ ଅସୁମାରୀ ଭଲପାଇବା ଓ ସମ୍ମାନରେ ନିଜ ହୃଦୟରେ ଧାରଣ କରିଥାନ୍ତି ତାଙ୍କ ପ୍ରିୟ ପ୍ରଶଂସକମାନେ । ତାଙ୍କର କବିତା ଏକ ଧନୁ ପରି ଯେଉଁଥିରୁ ନିର୍ଗତ ତୀର ସବୁବେଳେ ଲକ୍ଷ୍ୟଭେଦ କରିଥାଏ । ସର୍ଜନର ଲକ୍ଷ୍ୟଭେଦ ଶିକାରୀର ଲକ୍ଷ୍ୟ ଭେଦ ଠାରୁ ଭିନ୍ନ । ତାଙ୍କ କବିତା ଏହା ଚିହ୍ନାଇ ଦିଏ । ଜୀବନକୁ ଗ୍ରହଣ କରିବାକୁ ଶିଖାଏ । ତା'ର ସୁଷମାରେ ମୁଗ୍ଧ ହେବାକୁ ଅନୁପ୍ରେରିତ କରେ ।

**–ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଡ୍ସ,
ବାଲିପୁଟ, ପୁରୀ ମୋ: ୭୯୭୮୫୭୯୩୯୯












# ମା' ର ପଣତ କାନି

-ଡା. ସରୋଜିନୀ ଷଡଙ୍ଗୀ

ମା'ର ପଣତ କାନି
ଏତେ ପ୍ରଶସ୍ତ ଯେ'
ଲମ୍ବିଥାଏ ମାଟିରୁ ଆକାଶ ।
ପୁଣି ବ୍ୟାପିଥାଏ ଧରିତ୍ରୀରୁ
ଦୂର ଦିଗ୍‌ବଳୟ ।
କେତେବେଳେ ତା' ସୁନ୍ଦର
ଲୋହିତ ଅଂଚଳ
ମର୍ତ୍ତ୍ୟରେ ଲୋଟୁଥାଏ ତ'
କେତେବେଳେ ଛୁଇଁଥାଏ
ଅମର ବୈକୁଣ୍ଠ ।
ପଣତକାନି ତ ଖାଲି ଶାଢୀ ନୁହେଁ
ସାକ୍ଷାତ ସେ ସ୍ନେହମୟୀ
ଜନନୀର ମହାସଂସ୍କରଣ
କୁହୁକ ପରଶେ ଯାଇ
ସବୁ ବାଧା ଦୂର ହୁଏ,
ସବୁ ବିଘ୍ନ ଟଳିଯାଏ ।
ସ୍ଥିର ହୋଇଯାଏ ଝଡ
ଥମିଯାଏ ମହା ପ୍ରଭଞ୍ଜନ,
ଆଖିର ପଲକ ମାତ୍ରେ
ମାଆର ଅଖଣ୍ଡ ଶାଢୀ
ଚାହୁଁ ଚାହୁଁ ପାଲଟେ କବଚ ।

ଲିଙ୍କ୍ ରୋଡ, କଟକ-୧୨
ମୋ: ୯୪୩୭୦୫୫୦୦୭



# ନିଷ୍ପତ୍ତି

-ଇଂ ଶ୍ରୀସନ୍ୟାସୀ ଜୀ

ଗୋଟିଏ ସଂଘର ବାର୍ଷିକ ଉତ୍ସବ ଚାଲୁଥାଏ । ଶେଷରେ ବହୁ ପ୍ରତୀକ୍ଷିତ ସମ୍ବର୍ଦ୍ଧନାର ପର୍ବ ଆସିଲା । ଜଣକ ପରେ ଜଣେ ମାନପତ୍ର ଗ୍ରହଣ କରୁଥାନ୍ତି । ଉପସ୍ଥାପକ ମହୋଦୟା ଯେତେବେଳେ 'ଅନନ୍ୟା ପାଢ଼ୀ'ନାଁକୁ ଉଚ୍ଚାରଣ କଲେ ସେତେବେଳେ ଉପସ୍ଥିତ ଜନତା ସଭିଏଁ ଚମକି ପଡିଲେ। ସମ୍ମାନ ଫଳକଟିକୁ ଗ୍ରହଣ କରିବା ପୂର୍ବରୁ ନାନାଦି ବିଶେଷଣରେ ଯେତେ ଯାହା ଟେକାଟେକି କରି କୁହାଯାଇପାରେ ତାହା କରିବାକୁ ଉପସ୍ଥାପିକା ଆଦୌ ଭୁଲି ନ ଥିଲେ ।

ପାଢ଼ୀ ପରି ଜଣେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ମଞ୍ଚ ଉପରେ ଦେଖି ଅନେକଙ୍କ ଭ୍ରୂକୁଞ୍ଚନ ହେଲା । ଏହା ଦେଖି ମୋ ଭଳି ନୂଆ ଲୋକ କୌତୂହଳି ହେବା ସ୍ୱାଭାବିକ । ମୋ ପାଖକୁ ଲାଗି ବସିଥିବା ଜଣେ ଦର୍ଶକ-ସାମ୍ବାଦିକଙ୍କଠାରୁ ଜଣାପଡ଼ିଲା ଯେ ସମ୍ବର୍ଦ୍ଧନା ପାଇବାକୁ ସେ ମହିଳାଙ୍କର ସେମିତି କିଛି ଅନନ୍ୟତ୍ୱ ନ ଥିଲା। ତାଙ୍କ ବିରୁଦ୍ଧରେ ସଭାରେ ସମସ୍ତେ ଯେତିକି ବିଷ ଉଦ୍‌ଗାରିବା କଥା କରୁଥିଲେ। ଖୁବ୍ ନିକଟରେ ପାଢ଼ୀ ବିରୁଦ୍ଧରେ ଗଣ୍ଡା ଗଣ୍ଡା ଖବର ଗଣମାଧ୍ୟମରେ ବାହାରି ତାକୁ ବେଶ ଚର୍ଚ୍ଚିତ କରିଥିଲା । ଅନେକ ସମୟରେ ତାଙ୍କ ଚାଲିଚଳନ ଆଉ ଆଚାର ବ୍ୟବହାରକୁ ଦେଖିଲେ ସେ ଶିକ୍ଷୟିତ୍ରୀ କମ୍ ବରଂ ବେଶି ଉଦ୍ଧତ ଆଉ ଅଶାଳୀନ ଲାଗନ୍ତି ବୋଲି ଜଣେ କେହି ମନ୍ତବ୍ୟ ଦେଲେ। ତାଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ସ୍ଥାନୀୟ ଜନତା ତାଙ୍କୁ ବିଦ୍ୟାଳୟରୁ ତଡିବା ପାଇଁ ସରକାରଙ୍କ ଦୁଆରେ ଛିଡା ହୋଇ ଗୁହାରି ପରା କରିଛନ୍ତି ବୋଲି ଆଉ ଜଣେ ଏଡ଼େ ପାଟିରେ କହିଲେ ।

ଏପରି ଏକ ଆରୋପିତ ମହିଳାଙ୍କୁ ସମ୍ବର୍ଦ୍ଧନା ! ଛିଃ ଛିଃ । କ'ଣ ରହସ୍ୟ ଅଛି ଏଥିରେ ? ?

ଅବଶ୍ୟ ଏ ମାନପତ୍ରଟି ମହିଳାଙ୍କ ଢେର କାମରେ ଆସିପାରେ । କିଛି ନ ହେଲେ ବି ସରକାରୀ ଅଧିକାରୀଙ୍କୁ ପ୍ରମାଣ ସ୍ୱରୂପ ଦେଖାଇଦେଲେ ବଦଳି ହେବାର ଗତିଟା ଯେ ବାଟବଣା ହୋଇ ନ ଯିବ, ସେ କଥା କିଏ କହିବ ?

ଶ୍ରୋତାଙ୍କ ପ୍ରତିକ୍ରିୟାକୁ ଦେଖି ଜଣେ ଯୁବ ଚଷମା ପିନ୍ଧା ସାମ୍ବାଦିକ -କର୍ମକର୍ତ୍ତା ଠାଣିରେ ସେଦିନ କହୁଥିଲେ - ୟାଙ୍କୁ ପରା ମୁଁ ଠିକ୍ କରିଛି । ଆରେ ଭାଇ, ଟଙ୍କା ଦଶ ହଜାର କ'ଣ କମ୍ କଥା ? ନ ହେଲେ ଏ ଗ୍ରାଣ୍ଡ ଫଙ୍କ୍‌ସନ, ଆଉ ବୋତଲ ପାଣିର ଖର୍ଚ୍ଚଟା ଉଠିବ କେଉଁଠୁ ? ?

ସେ ଲୋକଟିକୁ ସାମ୍ବାଦିକ କିଏ କଲା, ଆଉ ଏପରି ଲୋକଙ୍କୁ ନେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲାଉଥିବା 'ଗଣମାଧ୍ୟମ' ଆଗକୁ କିପରି ସୁରକ୍ଷିତ ରହିବ ? - ଏଇୟା ମୁଁ ଭାବୁଥିଲି ।

ସାମ୍ବାଦିକତାର ମହାମନ୍ତ୍ର ହେଉଛି - ଭଲ ଲୋକଟିର ପ୍ରଚାର ନ କଲ ନାହିଁ ପଛେ କିନ୍ତୁ ଗୋଟିଏ ଖରାପ ଲୋକ ସପକ୍ଷରେ ଗୋଟିଏ ବି ଶବ୍ଦ ଲେଖନାହିଁ । ମହାନର୍କକୁ ଯିବ । ହେଲେ ଏଠି ଚାଲିଛି କ'ଣ ?

କିଛି ସମୟ ପରେ ଏକ ଭାରାକ୍ରାନ୍ତ ମନ ନେଇ ସଭାରୁ ମୁଁ ଉଠିଗଲି ଖୁବ୍ ସନ୍ତର୍ପଣରେ । ସେଦିନ ସ୍ଥିର କଲି ମୂଲ୍ୟବାନ ସମୟ ନଷ୍ଟ କରି ଏଭଳି ବିକାକିଣା ସଭାରେ ଆଉ ଯୋଗ ଦେବିନି।

- ପ୍ରିନ୍‌ସିପାଲ, ଆପେକ୍ସ ଆଇ ଟି ଆଇ,
କସର୍ଦା, କଟକ, ମୋ -୯୪୩୭୨୯୨୬୯୯

# ପାଉଁଜି......

-ମିତା ପଟ୍ଟନାୟକ

ଭୂଇଁ ରେ ପାଦ ରଖିବା ଶିଖିନଥିଲି
ଓଠରେ ଭାଷାର ଆଦ୍ୟ ଓଁକାର ସ୍ଫୁରି ନ ଥିଲା
ମୋ ପାଇଁ ଉଦ୍ଦିଷ୍ଟ ଥିବା ପରିସର ସହ
ସେମିତି ବିଶେଷ ଚିହ୍ନା ନ ଥିଲା
ଏ ଯାଏ ଅନ୍ଧାର ଅପସରି ନଥିଲା
ସବୁ କେବଳ ପ୍ରସ୍ତୁତିର ଆବାହନରେ
କିଛି ନୂତନତାର ନିର୍ମାଣ ହେବାର
ବେଦୀ ସଜ୍ଜା ହେଉଥିଲା....


ସେତିକିବେଳେ ହଠାତ.. .
କୁନି ପାଦରେ କିଛି ବାନ୍ଧି ହେବାର
ଅସ୍ଥିର ଅନୁଭବ ବାରି ହେଉଥିଲା
ଜାଣିଲି ପରେ
ନାଁ ପରା ତାର ପାଉଁଜି
ପାଦ ଉଠେଇବା ପୂର୍ବରୁ
ରାସ୍ତା ଦେଖିବା ଆଗୁ
ସାମାନ୍ୟ ହଲଚଲରୁ ଜାଣି ଯାଉଥିଲେ
ମୋତେ ଘେରି ଥିବା
ଆପଣାର ବୋଲାଉଥିବା ଏକାଧିକ ମଣିଷ...
ତେବେ ଆଜି ଯାଏ ବୁଝି ହେଲାନାହିଁ
ସେ ରୁଣୁଝୁଣୁ ଶବ୍ଦ ମୋ ପାଇଁ
ଭଲ ଅବା ମନ୍ଦ
ଶୁଭଙ୍କରୀ ନା ବିପଦକାରୀ.....

ତେବେ ଅଭ୍ୟାସ ହେଉ ବା ବାଧ୍ୟତା ହେଉ
ଆଜି ଯାଏ ଅନୁବନ୍ଧିତ,,
ବିନା ଚୁକ୍ତିର ଇସ୍ତାହାରରେ
ଶରୀର ମୋର
ଯାତ୍ରା ମୋର
ହାରିବା ଜିତିବା ବି ମୋର
କିନ୍ତୁ ମୋତେ ଗାଡ଼େଇ
ଚାହୁଁଥିବା ପୁଞ୍ଜା ପୁଞ୍ଜା ଆଖି ସବୁ
ଛକ ବଜାରରେ ଜାଲ ମେଲିଥିବା
ଚତୁର ଚିକ୍କଣ ଛକି ଥିବା ଆତତାୟୀର...

ଘଡି ଘଡିକେ ବଦଳୁଥିବା ପୃଥିବୀ
ଆଉ ତା' ମାଧ୍ୟାକର୍ଷଣ ଶକ୍ତି
ସାତତଳ ପଙ୍କ ଭଉଁରୀ ଭିତରେ
ଲୁଚେଇ ଥିବା ଚିଜ ବି
ଅନାୟାସରେ ଟାଣି ହେଉଥାଏ
ସର୍ବସାକ୍ଷାତରେ ପ୍ରଦର୍ଶିତ ହୁଏ
ଆଲୋଚିତ ଆଉ ବିଚାରିତ ହେଉଥାଏ ବାରମ୍ବାର..

ନିଜସ୍ୱ ପୃଥିବୀରେ ନିଜେ
ଗାଦିଚ୍ୟୁତ ହେଉଥାଏ
କାହା ଇସାରାରେ କେଜାଣି
ସମ୍ପର୍କ ସବୁ ଅନ୍ତିମ ନିଶ୍ୱାସ ନେଲା ବେଳେ
ନିଜେ ନିଜ ମୃତ୍ୟୁ ର ଶୋକ ଉଚ୍ଚାରୁଥାଏ....

-ସମ୍ବଲପୁର
ମୋ:୯୪୩୭୩୯୦୦୩୩







ଅମୀଷା

# ପାଞ୍ଚ ଶହରୁ ଜଣେ

ଥରେ ମନେ ପକାନ୍ତୁ ନା ଅନୀଲ ଶର୍ମାଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା'କୁ। ଏଥିରେ ସନି ଦେଓଲଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନିଙ୍କ ନାୟିକା ସାଜିଥିଲେ ଅମୀଷା ପଟେଲ। ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ସେ ନେଇ ଏକ ଅଡିସନ୍ ହୋଇଥିଲା। ଏହି ଅଡିସନ୍‌ରେ ୫୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ହାତୀ ଅମୀଷାଙ୍କ ମୁଣ୍ଡରେ ହିଁ ସୁନା କଳସ ଢ଼ାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିସନ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ପ୍ରଥମେ ଅମୀଷା କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'। ହେଲେ ନିଜର ବଲିଉଡ୍ କ୍ୟାରିୟରରେ ବେଶ୍ ଉତଥାନ ପତନ ଦେଇ ଗତି କରିଛନ୍ତି ଅମୀଷା। ସେ କହନ୍ତି, 'ବଲିଉଡ୍‌ରେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଦର୍ଶକମାନଙ୍କ ପାଖରେ ମୁଁ ସବୁବେଳେ ଋଣୀ ହୋଇ ରହିବି।'

# ବୋଲ୍ଡ ଅବତାର ଅନ୍ତରାଳେ..

କଙ୍ଗନା ରାଣାଓ୍ୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ରିଲିଜ ଅପେକ୍ଷାରେ ଥିବା ସିନେମା 'ଧାକଡ'ରେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ନିକଟରେ ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇଛି। ଆଉ ଏଥିରେ ବୋଲ୍ଡ ଅବତାରରେ ଦେଖିବାକୁ ମିଳିଛନ୍ତି କଙ୍ଗନା। ଖାସ୍ କଥା ହେଲା, ତାଙ୍କର ଏପରି ପୋଜ୍ ବେଶ୍ ଭାଇରାଲ୍ ହୋଇଛି। ଏ ସମ୍ପର୍କରେ କଙ୍ଗନା କହନ୍ତି, 'ମୋର ଏଭଳି ପୋଜ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ କଷ୍ଟ୍ୟୁମ ପିନ୍ଧିବାକୁ ପଡିଛି। କାରଣ କାହାଣୀକୁ ରଙ୍ଗୀନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ନୂଆ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ।' ଚିନ୍ତନ ଗାନ୍ଧୀ ଏହାର କାହାଣୀ ରଚନା କରିଛନ୍ତି। ଚିତ୍ରନାଟ୍ୟ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି ରଜନୀଶ ଘାଇ। ଏଥିରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ୨୦ରେ ପରଦା ଉପରକୁ ଆସିବାର ଯୋଜନା ରହିଛି।



କଙ୍ଗନା

# ଏରା

କଥାରେ ଅଛି ସତ ପ୍ରେମ କେବେ ହାରେ ନାହିଁ। ୧୯୫୯ ମସିହାରେ ଏ ପ୍ରେମ କାହାଣୀ ଆରମ୍ଭ ହୁଏ। ହେଲେ ସେଥିରେ ଏପରି କିଛି ପରିସ୍ଥିତି ଆସେ ଯେଉଁଥିପାଇଁ ଏହି ତ୍ରିକୋଣୀୟ ପ୍ରେମ କାହାଣୀ ଅଧୁରା ରହିଯାଏ। ହେଲେ ପୁଣି ସେମାନଙ୍କ ପୁନର୍ଜନ୍ମ ହୁଏ ଆଉ ସେମାନେ ଏକାଠି ହୁଅନ୍ତି। ହେଲେ ଏଥର ସେମାନଙ୍କର ପ୍ରେମ ସଫଳ ହୁଏ କି ? ଏପରି ପ୍ରଶ୍ନର ଉତ୍ତର ରହିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଏରା'ରେ। ଧବଳେଶ୍ୱର କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଏହି ଫିଲ୍ମ ଚଳିତ ମାସରେ ରିଲିଜ ହେବାକୁ ଯାଉଛି। ଉକ୍ତ ଫିଲ୍ମରେ ଓଡ଼ିଆ ଏବଂ ହିମାଚଳୀ ପାହାଡି ଭାଷାର ବ୍ୟବହାର ହୋଇଛି। ଏହାର ସମ୍ପୂର୍ଣ୍ଣ ଶୁଟିଂ ହିମାଚଳ ପ୍ରଦେଶରେ କରାଯାଇଛି। ଜୟନ୍ତୀ ସାମଲ ଚିତ୍ରଟିର ପ୍ରଯୋଜନା କରିଥିବା ବେଳେ ସହପ୍ରଯୋଜକ ଅଛନ୍ତି ଶୁଭେନ୍ଦୁ କୁମାର। ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁବ୍ରତ ଦିଗଲ। ଜୟନ୍ତ ଦାସ ଏବଂ ସନ୍ଦୀପ ସାହୁଙ୍କ ରଚିତ ଗୀତ ଲାଗି କଣ୍ଠଦାନ କରିଛନ୍ତି ଚନ୍ଦ୍ରକାନ୍ତ ସୁତାର, ଦୀପ୍ତିମାନ ଷଡ଼ଙ୍ଗୀ ଏବଂ ସୁବ୍ରତ ଦିଗଲ। କାହାଣୀ ଓ ସଂଳାପ ରଚନା କରିଛନ୍ତି ଶୁଭେନ୍ଦୁ କୁମାର। ପ୍ରଦ୍ୟୁମ୍ନ ଲେଙ୍କା, ଜୀବନ ପଣ୍ଡା, ସମାଜ ପତି, ସମୀର,ପିଙ୍କି, ପ୍ରିୟଙ୍କା, ଦୁର୍ଗା, ପୁପୁନ, ଗୌରୀ ଏବଂ ହିମାଚଳ ପ୍ରଦେଶର ଅଙ୍କଜ ଭାରଦ୍ୱାଜ ଓ ୟୁକ୍ତି ଶର୍ମା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତ।



ଅଙ୍କଜ-ୟୁକ୍ତି



ଶାହୀଦ

# କେମିତି ହେଲେ ଶାକାହାରୀ

ଶାହୀଦ କପୁରଙ୍କ ଜୀବନରେ ଅନେକ ରୋଚକ ଘଟଣା ଘଟିଛି। ନିକଟରେ ସେ ଏ ସମ୍ପର୍କରେ କହୁ କହୁ ଏକ ମଜାଦାର କଥା ଉପରୁ ପରଦା ହଟାଇଥିଲେ। ଶାହୀଦ କିପରି ଶାକାହାରୀ ହେଲେ- ଏ ନେଇ ଅନେକ ଥର ତାଙ୍କୁ ପ୍ରଶ୍ନ କରାଯାଇଥିଲେ ମଧ୍ୟ ସେ ମୁରୁକି ହସି ଏହାକୁ ଏଡାଇ ଦେଇଥାଆନ୍ତି। ହେଲେ ନିକଟରେ ସେ ଆଉ ତାହାକୁ ଆଭୋଏଡ୍ କରିବାକୁ ଚାହିଁ ନ ଥିଲେ। ଏ ନେଇ ଶାହୀଦ କହନ୍ତି, ' ଅନେକ ଥର ମୋ ପ୍ରଶଂସକମାନେ ମୋତେ ପଚାରିଛନ୍ତି ଯେ, ମୁଁ ଶାକାହାରୀ ହେଲି କେମିତି। ହେଲେ ସେହି କଥାକୁ ମୁଁ ଏଡାଇ ଦେଇଥାଏ। ହେଲେ ତାହା ପଛରେ ଥିବା ଘଟଣା ବିଷୟରେ ଜଣାଇ ଦେବା ଠିକ୍ ହେବ। ଥରେ ମୋର ଜଣେ ସାଙ୍ଗ ସହ ହଠାତ୍ ଭେଟ ହୋଇଗଲା। କିଛି ସମୟ ଗପସପ ଭିତରେ ସେ ମୋତେ ଏକ ଆଧ୍ୟାତ୍ମିକ ପୁସ୍ତକ ଉପହାର ଭାବରେ ଦେଇଥିଲା। ତାକୁ ପଢ଼ିସାରିବା ପରେ ଭେଜିଟେରିଆନ୍ ହେବାକୁ ମନସ୍ଥ କରିଥିଲି। କେତେଥର ଏପରି ଖାଦ୍ୟ ଖାଇବା ପରେ ତାହା ମୋର ରୁଟିନରେ ପରିଣତ ହୋଇଯାଇଥିଲା।'

# 'ମୋହବତେଁ' କଥା ଭାବୁଛନ୍ତି ପିସି

ୟଶ ଚୋପ୍ରାଙ୍କ 'ମୋହବତେଁ' ଫିଲ୍ମକୁ ଭୁଲିପାରୁନାହାନ୍ତି ପ୍ରିୟଙ୍କା ଚୋପ୍ରା ଓରଫ ପିସି। କାରଣ କ'ଣ ଜାଣନ୍ତି ? ଯେତେବେଳେ ସେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ ସେତେବେଳେ ତାଙ୍କୁ ଏହି ଅଫର ମିଳିଥିଲା। କିନ୍ତୁ କିଛି ଦିନ ଚିନ୍ତା କରିବା ପରେ ଏହି ଅଫରଟିକୁ ସେ ହାତଛଡା କରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯଦି ମୁଁ 'ମୋହବତେଁ' ଅଫରଟିକୁ ଗ୍ରହଣ କରିଥାଆନ୍ତି, ତେବେ ତାହା ମୋର ପ୍ରଥମ ହିନ୍ଦୀ ସିନେମା ହୋଇଥାଆନ୍ତା। ହେଲେ ବିଧିର ବିଧାନ ଅଲଗା। ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥାଏ। ତେଣୁ ସେହି ସମୟରେ ଫିଲ୍ମ ଶୁଟିଂ ପାଇଁ ସମୟ ଦେଇପାରି ନ ଥାନ୍ତି। ତେଣୁ ଏପରି ବଡ ଅଫରଟିକୁ ବାଧ୍ୟ ହୋଇ ହାତଛଡା କରିଥିଲି। ଏବେ ବି ସେକଥା ମନେ ପଡିଲେ ଦୁଃଖ ଲାଗେ।' ପରେ ଏହି ଭୂମିକା ପାଇଁ ଶିଲ୍ପା ସେଟ୍ଟିଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'।



ପ୍ରିୟଙ୍କା

# ସାବାସ୍ ମିଠୁ

ଭାରତୀୟ ମହିଳା କ୍ରିକେଟ ଖେଳାଳି ମିଥାଲି ରାଜଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ସାବାସ୍ ମିଠୁ'। ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ତାପସୀ ପାନ୍ନୁ। ଉକ୍ତ ବାୟୋପିକ୍‌ରେ ଅଭିନୟ କରିବା ପରେ ସେ ଏହାକୁ ଏକ ସ୍ମରଣୀୟ ଫିଲ୍ମ ଭାବରେ ଅଭିହିତ କରିଛନ୍ତି। ଏ ନେଇ ତାପସୀ କହନ୍ତି, 'କ୍ରିକେଟ୍ ହେଉଛି ଏକ ଜେଣ୍ଟେଲମ୍ୟାନ୍ ଗେମ୍। ମିଥାଲିଙ୍କ ଲୋକପ୍ରିୟତା କେତେ ତାହା ବଖାଣି ବସିଲେ ସରିବ ନାହିଁ। ତାଙ୍କର ବାୟୋପିକ୍‌ରେ ଅଭିନୟ କରିବା ଏକ ଭାଗ୍ୟର କଥା। ଏବେ କ୍ରିକେଟ୍ ବିଷୟରେ ମୁଁ ଅନେକ କଥା ଜାଣିପାରିଛି। କେବଳ ସେତିକି ନୁହେଁ, ଏଭଳି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ କେତେ ଥର ମିଥାଲିଙ୍କ ସହ ଆଲୋଚନା କରିଥିଲି। ତାଙ୍କଠାରୁ ମଧ୍ୟ ଅନେକ କିଛି ଶିଖିଛି। ଏହାର ଟିଜର ନିକଟରେ ରିଲିଜ ହୋଇଥିଲା। ତାହାକୁ ଦେଖି ଦର୍ଶକ ଭୁରି ଭୁରି ପ୍ରଶଂସା କରୁଛନ୍ତି। ଫିଲ୍ମଟି ଚଳିତ ବର୍ଷ ଜୁଲାଇ ୧୫ରେ ରିଲିଜ ହେବ। ଆଶା ରଖିଛି ଏହାକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ଦୀର୍ଘ ୨୩ ବର୍ଷର କ୍ରିକେଟ କ୍ୟାରିୟରରେ ଭାରତୀୟ ମହିଳା କ୍ରିକେଟ ଟିମ୍‌ର କ୍ୟାପଟେନ ସାଜି ସାରିଥିବା ମିଥାଲି ଚାରୋଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି। ନିକଟରେ ତାପସୀ ଆଉ ଏକ ସିନେମା ସାଇନ୍ କରିଛନ୍ତି। ରାଜକୁମାର ହିରାନୀଙ୍କ ଆଗାମୀ ଫିଲ୍ମରେ ସେ ଶାହରୁଖଙ୍କ ନାୟିକା ସାଜିବେ।



'ସାବାସ୍ ମିଠୁ' ଚଳଚ୍ଚିତ୍ରରେ ତାପସୀ

ପ୍ରଥମ ରୋଜଗାର

# ସ୍କଲାରଶିପ୍ ଟଙ୍କା ବାପାଙ୍କୁ ଦେଇଥିଲି



ଗାଳ୍ପିକ ତଥା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ **ଗଣେଶ୍ୱର ଜେନା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅନ୍ତର୍ଗତ ସୁଲଣ ଗାଁରେ ମୋ ଜନ୍ମ। ହାଟଡିହି ଉଚ୍ଚ ବିଦ୍ୟାଳୟରୁ ଏକାଦଶ ପାସ୍ କରି ଭଦ୍ରକ କଲେଜରେ ଆଇଏସ୍‌ସି ପଢ଼ିଥିଲି। ତା'ପରେ ରେଭେନ୍ସାରେ ପଲିଟିକାଲ୍ ସାଇନ୍ସରେ ବି.ଏ. ଓ ବାଣୀବିହାରରେ ପି.ଜି. କରିଥିଲି। ପି.ଜି. ପଢ଼ା ସହିତ ବ୍ୟାଙ୍କ ପି.ଓ. ଏବଂ ଓଏଏସ୍ ପରୀକ୍ଷା ପାଇଁ ବି ପ୍ରସ୍ତୁତ ହେଉଥିଲି। ସୌଭାଗ୍ୟକୁ ପି.ଜି. ପାସ୍ କରିବା ସହିତ ସେହି ସମୟରେ ଏକକାଳୀନ ଓଏଏସ୍ ଓ ଏସ୍‌ବିଆଇ ବ୍ୟାଙ୍କ ପି.ଓ. ଚାକିରି ପାଇଲି। କିନ୍ତୁ ମୁଁ ଓଏଏସ୍ ଚାକିରିରେ ଜଏନ୍ କଲି। ପାଖାପାଖି ଦୁଇ ବର୍ଷ ଟ୍ରେନିଂ ଚାଲିଲା। ଟ୍ରେନିଂ ବେଳେ ଯେଉଁ ପ୍ରଥମ ଦରମା ପାଇଲି ସେଥିରେ ଠାକୁରଙ୍କ ପାଖେ ଭୋଗ କରିଥିଲି। ଏଠାରେ କହି ରଖିବାକୁ ଚାହେଁ ଯେ, ସପ୍ତମରେ ମୁଁ ସ୍କଲାରଶିପ୍ ପାଇଥିଲି। ସେ ବାବଦେ ଯେଉଁ ଟଙ୍କା ମିଳିଥିଲା ତାକୁ ନେଇ ବାପାଙ୍କ ହାତରେ ଦେଇଥିଲି। ବାପା ଥିଲେ ଜଣେ ଚାଷୀ। ତାଙ୍କର ଆମେ ଥିଲୁ ୪ ପୁଅ ଓ ୨ ଝିଅ। ସମସ୍ତଙ୍କ ଭିତରୁ ମୁଁ ଥିଲି ସାନ। ବାପା ଆମକୁ ପାଠପଢାଇ ମଣିଷ କରିବାକୁ ବହୁ କଷ୍ଟ କରୁଥିଲେ। ନିଜ ପେଟରୁ କାଟି ଆମର ସବୁ ଅଳିଅଝଟକୁ ପୂରଣ କରୁଥିଲେ। ତେଣୁ ତାଙ୍କୁ ଖୁସି କରିବାକୁ ମୁଁ ଖୁବ୍ ମନ ଲଗାଇ ପାଠ ପଢୁଥିଲି। ତୃତୀୟରେ ସିନା ବୃତ୍ତି ପାଇ ନଥିଲି ହେଲେ ସପ୍ତମରେ ସ୍କଲାରଶିପ୍ କେମିତି ପାଇବି ସେହି ଚେଷ୍ଟାରେ ଥିଲି। ଆଉ ଯେବେ ପାଇଲି ସାଙ୍ଗେସାଙ୍ଗେ ସ୍କଲାରଶିପ୍ ଟଙ୍କାକୁ ନେଇ ବାପାଙ୍କ ହାତରେ ଦେଲି ଆଉ କହିଲି 'ବାପା ଏହି ଟଙ୍କାରେ ମାଛ ଆଣିବ'! କାରଣ ବାପାଙ୍କୁ ମାଛ ଖାଇବାକୁ ବହୁତ ଭଲ ଲାଗେ। ହେଲେ ବାପା ସେ ଟଙ୍କାରେ ମାଛ ନ ଆଣି ମୋ ପାଇଁ ପଢା ବହି କିଣିଆଣିଥିଲେ। ଏମିତି ହିଁ ଥିଲେ ମୋ ବାପା। ତାଙ୍କରି ଆଶୀର୍ବାଦରୁ ଓଏଏସ୍ ପାଇଥିଲି। ଟ୍ରେନିଂ ପରେ ମୋର ପ୍ରଥମ ପୋଷ୍ଟିଂ ୧୯୯୩ରେ ଯାଜପୁର ଜିଲାର ଦର୍ପଣ ତହସିଲରେ ଆଡିଶନାଲ୍ ତହସିଲଦାର ଭାବେ ହେଲା। ସେଠାରେ ୩ ବର୍ଷ ରହିବା ପରେ ମୋର ବିଡିଓ ଭାବେ ବଦଳି ହେଲା ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌କୁ। ଏଠାରେ ୪ ବର୍ଷ ରହିଲି। ଆଉ ତା'ରି ଭିତରେ ୧୯୯୯ ମହାବାତ୍ୟା ହୋଇଥିଲା। ମହାବାତ୍ୟାରେ ବହୁ ବଡ଼ ବଡ଼ ଗଛସବୁ ଭାଙ୍ଗି ପୁରୀ-ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ବାତ୍ୟା ହେବାର ମାତ୍ର ଦୁଇଦିନ ଭିତରେ ଆଦୌ ବିଶ୍ରାମ ନ ନେଇ ସ୍ଥାନୀୟ ଗାଁ ଲୋକଙ୍କ ସହାୟତାରେ ରାସ୍ତା ସଫାକରି ଗାଡ଼ି ଚଳାଚଳର ସୁବିଧା କରାଇବା ଏବଂ ଶୀଘ୍ର ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚାଇବାରେ ମୁଁ ଯେଉଁ ପଦକ୍ଷେପ ନେଇଥିଲି ସେଥିପାଇଁ ମୋତେ ପୁରୀ ଜିଲାପାଳ ସେତେବେଳେ ଖୁବ୍ ପ୍ରଶଂସା କରିଥିଲେ। ଏହିପରି ଚାକିରି କ୍ଷେତ୍ରରେ ଅନେକ ଘଟଣାମାନ ଘଟିଛି ମୋ ଜୀବନରେ ଆଉ ସେସବୁକୁ ସାହସର ସହ ସାମ୍ନା କରିକରି ବର୍ତ୍ତମାନ ରାଜ୍ୟ ପଣ୍ୟାଗାର ନିଗମରେ ପରିଚାଳନା ନିର୍ଦ୍ଦେଶକ ଭାବେ କାମ କରୁଅଛି। ତା'ସହିତ 'ପବ୍ଲିକ୍ ପଲିସି ଷ୍ଟ୍ରାଟେଜି ଫର୍ ଚିଲ୍‌ଡ୍ରେନ୍ସ ଡେଭଲପ୍‌ମେଣ୍ଟ' ଉପରେ ଥେସିସ୍ ଲେଖି ୨୦୧୬ରେ ଡକ୍ଟରେଟ ଡିଗ୍ରୀ ମଧ୍ୟ ହାସଲ କରିଛି। ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି କିଛି ଗପ, କବିତା ବି ଲେଖିଛି। ତନ୍ମଧ୍ୟରୁ କିଛି ଲେଖା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଛି। ତା'ଛଡ଼ା ଖୁବ୍‌ଶୀଘ୍ର ମୋର ଏକ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି; ଯାହାର ନାଁ ରହିଛି 'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ'।

# ସୁନା ହରିଣୀର ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ

**ପ୍ରଶ୍ନ**-ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି?

*-ତନ୍ମୟ ସାହୁ, କଟକ*

**ଉତ୍ତର:** ପ୍ରେମରେ ମଗଜ ଖଟାଇଲେ ସବୁକିଛି ଜାଣିପାରିବେ। ସେ ସୁନ୍ଦରୀ ଯଦି ଆପଣଙ୍କୁ ଚାହୁଁଛି ତେବେ ସେହି ଚାହାଣୀରେ ଅନେକ କଥା ରହିଛି। ତାକୁ ଭାବିଲେ ତ ମୁଣ୍ଡ ଘୁରାଇ ଦେବ, ହେଲେ ଥଣ୍ଡା ମିଜାଜ୍‌ରେ ଚିନ୍ତା କଲେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଛି ବୋଲି ଜାଣିପାରିବେ। 'ସୁନା ହରିଣୀର ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

**ପ୍ରଶ୍ନ**-ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ କ'ଣ ମୋତେ ପ୍ରେମ କରୁଛି?

*-ବାଦଲ ରାଉତ, ବାଲେଶ୍ୱର*

**ଉତ୍ତର:** ଏକତରଫା ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ନିଶାନା ଠିକ୍ ଲାଗିଗଲା, ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କର ପ୍ରେମ ମିଶନ ସକସେସ୍ ହୋଇଗଲା।

**ପ୍ରଶ୍ନ**-ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି?

*-ସୁଜିତ କୁମାର ପ୍ରହରାଜ, ପୁରୀ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। କଥାରେ ପରା ଅଛି- ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*-ବିକାଶ ନାୟକ, କେନ୍ଦ୍ରାପଡା*

**ଉତ୍ତର:** ସେ ଆପଣଙ୍କୁ ଯେ କିଛି କହିବାକୁ ଚାହୁଁଛନ୍ତି, ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତା'ସହ ତାକୁ ଠିକ୍ ଭାବରେ ପଢ଼ି ପାରିବା ବି ଜରୁରୀ। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ବ୍ୟସ୍ତ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !


**ପ୍ରଶ୍ନ**-ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*-ତନ୍ମୟ, ବ୍ରହ୍ମପୁର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ୍, ଓନଲି ମସ୍ତି !

ସାଥୀ





# ଲେନ୍ସରେ ମଙ୍ଗଳାଯୋଡ଼ି

ଓଡ଼ିଶାର ଖୋର୍ଦ୍ଧା ଜିଲାର ଟାଙ୍ଗି ଚାନ୍ଦପୁର ନିକଟରେ ରହିଛି ପକ୍ଷୀ ସ୍ୱର୍ଗ ମଙ୍ଗଳାଯୋଡ଼ି। ଏହା ଚିଲିକା ହ୍ରଦର ଉତ୍ତର ପୂର୍ବ ଭାଗରେ ଅବସ୍ଥିତ ୧୦ ବର୍ଗ କିଲୋମିଟର କ୍ଷେତ୍ରର ଏକ ପାଟ ଭୂମି। ପ୍ରତିବର୍ଷ ଶୀତଦିନରେ ତିନି ଲକ୍ଷରୁ ଅଧିକ ବିଦେଶାଗତ ପକ୍ଷୀ ଏଠାକୁ ଆସିଥାନ୍ତି। ପକ୍ଷୀଙ୍କ ଆଗମନକୁ ଦେଖି ୧୯୮୦ ମସିହାର ଶେଷ ଭାଗରେ ଆରମ୍ଭ ହୋଇଥିଲା ସଂରକ୍ଷଣର ପ୍ରୟାସ, ଯାହା ତିରିଶ ବର୍ଷରୁ ଅଧିକ ସମୟ ଧରି ଚାଲିଆସିଛି। ଜଣେ ବ୍ୟକ୍ତିଙ୍କ ଉଦ୍ୟମରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ଶେଷରେ ସରକାରୀ, ବେସରକାରୀ ସଂସ୍ଥା ସମେତ ସାଧାରଣ ବ୍ୟକ୍ତି ମଧ୍ୟ ଏହି ସଂରକ୍ଷଣର ସମର୍ଥନ ଦେଇଥିଲେ।

'ସଙ୍ଗ ଅଫ୍ ଦ ୱାଇଲ୍ଡ' ନାମକ ଏକ ସଂସ୍ଥା ଅବିନାଶ ଖେମ୍‌କା ଏବଂ ପଞ୍ଚମି ମନୁ ଉକିଲଙ୍କ ଦ୍ୱାରା ୨୦୧୮ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହା ପ୍ରାକୃତିକ ବାସସ୍ଥାନ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଉପରେ ଧ୍ୟାନ ଦେବା ସହ ପରବର୍ତ୍ତୀ ପିଢ଼ିଙ୍କୁ ବି ଏଦିଗରେ ସଚେତନ କରିଥାଏ। ଏହା ବ୍ୟତୀତ ମୂଲ୍ୟବାନ ଉଦ୍ଭିଦ, ଜୀବଜନ୍ତୁ, ପ୍ରାକୃତିକ ବାସସ୍ଥାନର ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ହେତୁ ସାରା ବିଶ୍ୱ ଯେଉଁ ବିପଦର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥାଏ।

ମଙ୍ଗଳା ଯୋଡ଼ିର ସୌନ୍ଦର୍ଯ୍ୟ ଓ ସଂରକ୍ଷଣ ଉପରେ କାମ କରୁଛନ୍ତି ଅବିନାଶ ଖେମକା ଓ ପଞ୍ଚମି ମନୁ ଉକିଲ। ଅବିନାଶ ଜଣେ ଶିଳ୍ପପତି, ସାମାଜିକ କର୍ମୀ ଏବଂ ପ୍ରକୃତି ତଥା ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିବାବେଳେ ପଞ୍ଚମି ମନୁ ଉକିଲ ଜଣେ ଶିକ୍ଷାବିତ, ଲେଖକ ଏବଂ ପକ୍ଷୀ-ପର୍ଯ୍ୟବେକ୍ଷକ। ଅବିନାଶ ୨୦୧୨ ମସିହାରୁ ଫଟୋଗ୍ରାଫି କରୁଛନ୍ତି ଏବଂ ସମଗ୍ର ଭାରତ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ ପରିଦର୍ଶନ କରିଛନ୍ତି। ସେ ଫଟୋଗ୍ରାଫି ମାଧ୍ୟମରେ ମଙ୍ଗଳାଯୋଡ଼ିର ସଂରକ୍ଷଣ କାହାଣୀକୁ ସର୍ବସମ୍ମୁଖକୁ ଆଣିବାକୁ ଚେଷ୍ଟା କରନ୍ତି। ୨୦୧୮ମସିହା ୭-୧୩ ଡିସେମ୍ବରରେ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରଠାରେ 'ସଙ୍ଗ ଅଫ୍ ଦ ୱାଇଲ୍ଡ', ମଙ୍ଗଳାଯୋଡ଼ି ଉପରେ ଅବିନାଶ ଖେମକାଙ୍କ ଏକ 'ଫଟୋ ପ୍ରଦର୍ଶନୀ''ଦ ମ୍ୟାଜିକ ଅଫ୍ ମଙ୍ଗଳାଯୋଡ଼ି' ଆୟୋଜିତ ହୋଇଥିଲା ; ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ବିଶେଷକରି ବିଭିନ୍ନ ବିଦ୍ୟାଳୟ ଏବଂ ଅନାଥ ଆଶ୍ରମର ପିଲାମାନେ ଫଟୋଗ୍ରାଫି ମାଧ୍ୟମରେ ପ୍ରକୃତି, ପ୍ରାକୃତିକ ବାସସ୍ଥାନ, ପକ୍ଷୀ ସ୍ଥାନାନ୍ତର ଏବଂ ବନ୍ୟପ୍ରାଣୀଙ୍କ ବିଷୟରେ ବିଶେଷ ଭାବରେ ଜାଣିବାକୁ ସକ୍ଷମ ହୋଇଥିଲେ।

ଫଟୋ ପ୍ରଦର୍ଶନୀର ସଫଳତା ପରେ, ଅବିନାଶ ଓ ପଞ୍ଚମି ମଙ୍ଗଳାଯୋଡ଼ି ଉପରେ ଏକ କଫି ଟେବୁଲ୍ ବୁକ୍ ଉପରେ କାମ କରୁଥିଲେ ; ଯାହା ମଙ୍ଗଳାଯୋଡ଼ି କାହାଣୀର ପ୍ରଚାର ପ୍ରସାରକୁ ଆଉ ଏକ ପାଦ ଆଗକୁ ବଢ଼ାଇଛି। 'ଦ ମ୍ୟାଜିକ ଅଫ ମଙ୍ଗଳାଯୋଡ଼ି' ନାମକ ଏହି କଫି ଟେବୁଲ୍ ପୁସ୍ତକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୧ ଏପ୍ରିଲ ୨୦୨୨ମସିହାରେ ଭୁବନେଶ୍ୱରରେ ଉନ୍ମୋଚିତ ହୋଇଛି। ବିଭିନ୍ନ ଅତ୍ୟାଧୁନିକ ଫଟୋଗ୍ରାଫି ଉପକରଣ ସାହାଯ୍ୟରେ ଅବିନାଶ ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଋତୁରେ ନିଜ କ୍ୟାମେରା ମାଧ୍ୟମରେ ବିଭିନ୍ନ ପକ୍ଷୀ ବିବିଧିତା ଓ ଭୂମିର ଦୃଶ୍ୟକୁ କଏଦ କରିଛନ୍ତି। ତିନି ଶହରୁ ଅଧିକ ରାତି ବିତାଇ ଉଠାଇଥିବା ଦଶ ହଜାରରୁ ଊର୍ଦ୍ଧ୍ୱ ଫଟୋ ଏହି କଫି ଟେବୁଲ୍ ବୁକ୍‌ରେ ପ୍ରକାଶ ପାଇଛି। ଏଥିରେ ଅବିନାଶ ଓ ପଞ୍ଚମିଙ୍କର ଗଭୀର ଆବେଗ ଏବଂ ପ୍ରତିବଦ୍ଧତା ବେଶ୍ ବାରି ହୁଏ ।'ଓଡ଼ିଶା ପର୍ଯ୍ୟଟନ' ସହଯୋଗରେ ଏହାର ପ୍ରକାଶନ ସମ୍ଭବ ହୋଇପାରିଛି। ଏହି ବହିଟି ମଙ୍ଗଳାଯୋଡ଼ି ଏବଂ ଓଡିଶାକୁ ବିଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଏ।

# ସଂଗ୍ରାହକ ସୌମ୍ୟରଞ୍ଜନ



ଆଜକୁ ପ୍ରାୟ ୧୨ବର୍ଷ ବିତିସାରିଲାଣି ସେ ବିଭିନ୍ନ ସ୍ଥାନରୁ ସଂଗ୍ରହକରି ଆଣିଥାନ୍ତି ନାନାପ୍ରକାରର ପୁରୁଣା ଟଙ୍କା ଓ ଅନ୍ୟାନ୍ୟ ପତ୍ରପତ୍ରିକା। ଏମିତି ନିଶା ତାଙ୍କୁ ଦେଇଛି ନିଆରା ପରିଚୟ, ସେ ହେଲେ ଭୁବନେଶ୍ୱର ଭିଏସ୍‌ଏସ୍ ନଗରର ସୌମ୍ୟରଞ୍ଜନ ମହାନ୍ତି। ସେକୁହନ୍ତି, ପ୍ରଥମେ ପିଲାଦିନୁ କେତୋଟି ମୁଦ୍ରା ଘରେ ସାଇତି ରଖିଥିଲି । କିନ୍ତୁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଥିବା ବେଳେ ବିଭିନ୍ନ ସମୟରେ ସେଠାକୁ ଆସୁଥିବା ବିଦେଶୀରାଷ୍ଟ୍ରର ଅତିଥିମାନଙ୍କଠାରୁ ସେମାନଙ୍କ ଦେଶର ମୁଦ୍ରା ଓ ଅନ୍ୟାନ୍ୟ ପତ୍ରପତ୍ରିକା ସଂଗ୍ରହ କରିବା ଅଭ୍ୟାସରେ ପଡ଼ିଗଲି। ଏଥିଯୋଗୁ ବିଭିନ୍ନ ଦେଶବିଦେଶର ପୁରୁଣା ଡାକଟିକଟ, ବିଭିନ୍ନ ଦେଶର ମୁଦ୍ରା ସଂଗ୍ରହ କରିବା ଏକ ନିଶାପାଲଟି ଯାଇଛି। ପ୍ରାୟ୨୦୧୦ମସିହାରୁ ସେ ଏହି କାମ କରିଆସୁଛନ୍ତି । ଏଥିପାଇଁ ତାଙ୍କୁ ପ୍ରାୟ ୨୪୨ଟି ଦେଶର ବିଭିନ୍ନ ବିଦେଶୀମୁଦ୍ରା ଓ ଏହା ବ୍ୟତୀତ ବ୍ରିଟିଶ ଶାସନ ସମୟର କେତେକ ମୁଦ୍ରା ସାଇତି ରଖିଛନ୍ତି। ଇଷ୍ଟଇଣ୍ଡିଆ କମ୍ପାନୀର କେତୋଟି ମୁଦ୍ରା ମଧ୍ୟ ସ୍ଥାନ ପାଇଛି ଓ ତା' ସହିତ ଭାରତ ସ୍ୱାଧୀନତା ପରେ ବିଭିନ୍ନ ପ୍ରକାରର ମୁଣ୍ଡ ରହିଥିବା ଆଉକେତେକ ମୁଦ୍ରା ସଂଗ୍ରହକରି ରଖିଛନ୍ତି। ଏପରିକି ବିଭିନ୍ନ ଦିଆସିଲ ଖୋଳ ପ୍ରାୟ ୪୮୦୦ରୁ ଅଧିକ ସାଇତିଥିବା ବେଳେ କିଛି ସ୍ୱତନ୍ତ୍ରଥିବା ଦିଆସିଲ ଖୋଳକୁ ରଖିଛନ୍ତି, ସେଥି ମଧ୍ୟରେ ସଲମାନ ଖାନ, ବିରାଟ କୋହଲି, ବୁମରା, ରୋନାଲ୍ଡଙ୍କ ଭଳି ଖେଳାଳି, ନେତାଜୀ ଏବଂ ଜଗନ୍ନାଥ ମନ୍ଦିର ସହ ବିଭିନ୍ନ ଦେବଦେବୀଙ୍କର ରହିଛି । ପ୍ରାୟ୧୦୦ଟି ବିଦେଶୀ ଡାକଟିକଟ ସହିତ ସମସ୍ତ ଅଲିମ୍ପିକ ଖେଳର ଡାକଟିକଟ, ବିଭିନ୍ନ ପ୍ରକାର ଖେଳର ଡାକଟିକଟ, ବିଭିନ୍ନ ଦେବଦେବୀ, ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରପତି, ପ୍ରଧାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ, ସ୍ୱତନ୍ତ୍ର ଦିବସ ଓ ବିଭିନ୍ନ ପ୍ରକାରର ଐତିହାସିକ ସ୍ଥାନର ଡାକଟିକଟ ସଂଗ୍ରହାଳୟରେ ରହିଛି । ତା' ସହିତ ବିଭିନ୍ନ ପ୍ରକାରର ଅନ୍ତର୍ଜାତୀୟ ଖେଳର ଖେଳଟିକଟ, ଡାକବିଭାଗ ସମ୍ପର୍କିତ କେତେକ ପୁରୁଣା ସ୍ମୃତି ସବୁ ସଂଗ୍ରହ କରି ରଖାଯାଇଛି । ଯେପରି କି ଟେଲିଗ୍ରାମ, ଡାକ ଗ୍ରୀଟିଙ୍ଗ୍‌ସ, ସବୁ ରହିଛି , ତା ସହିତ ଆରୋଗ୍ରାମ, ବିଭିନ୍ନ ପ୍ରକାରର ପୋଷ୍ଟ କାର୍ଡ ଆଦି ରହିଛି ।

ପ୍ରାୟ ୫୦୦ରୁ ଅଧିକ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ କାର୍ଡ ରହିଛି। ଯେପରି କି ଅଫର୍ କାର୍ଡ ଗିଫ୍ଟ, ମେଟ୍ରୋ ଗିଫ୍ଟ କାର୍ଡ, ଟେଲିଫୋନ କାର୍ଡ ସମେତ ବିଭିନ୍ନ ପ୍ରକାରର ପୁରୁଣା ରେଳ ଟିକଟ, ଓଜନ ମେଶିନ ଟିକଟ ରହିଛି। ବିଭିନ୍ନ ପ୍ରକାରର ଖବରକାଗଜ ରହିଛି। ଯାହା ଇଂଲିଶ, ଓଡ଼ିଆ, ତେଲୁଗୁ,ହିନ୍ଦୀ, ବେଙ୍ଗଲି, ତାମିଲ, ମରାଠୀ, ଗୁଜରାଟୀ ଆଦି ଭାଷାରେ ଖବରକାଗଜ ରହିଥିବା ବେଳେ ପିଲା ମାନଙ୍କ ପୁରୁଣା ପତ୍ରିକା ଜହ୍ନମାମୁ ଓ ପେପର କଟିଙ୍ଗଗୁଡ଼ିକ ରହିଛି । ରକ୍ତଦାନ ଉପରେ ମେଘଦୂତ ପୋଷ୍ଟକାର୍ଡ, ପ୍ରଥମଦିବସର ପ୍ରଚ୍ଛଦ ଓ ମଣିଷର ବିଭିନ୍ନ ଅଙ୍ଗ ଉପରେ ଡାକଟିକଟ ସାଇତି ରଖିବାର ପ୍ରୟାସ ଜାରି ରଖିଛି। ଏମିତି ସବୁ ପୁରୁଣା ସାମଗ୍ରୀକୁ ଦେଖିବା ପାଇଁ ଅନେକ ସମୟରେ ସ୍କୁଲକଲେଜର ପିଲାମାନେ ଘରକୁ ଆସୁଛନ୍ତି। ସଂଗ୍ରହକରି ସାଇତି ରଖିଥିବା ବିଭିନ୍ନ ପୁରୁଣା ସାମଗ୍ରୀକୁ ସୁରକ୍ଷିତଭାବେ ଏକ ମ୍ୟୁଜିୟମରେ ସଜାଇରଖିବାର ଲକ୍ଷ୍ୟ ରଖିଛି।



-ବନବିହାରୀ ବେହେରା




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

आपणଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନଭିଲ୍ଲା

## ହାଃ ହାଃ

### ଖର୍ଚ୍ଚି

ରାଜେଶ ସାଙ୍ଗ ଗୋପୀକୁ: ମୋ ସ୍ତ୍ରୀ ବହୁତ ଖର୍ଚ୍ଚି ହେଇଗଲାଣି । କୋଉଦିନ ୧୦୦୦ ଟଙ୍କା ତ କୋଉଦିନ ୨୦୦୦ଟଙ୍କା ମାଗୁଛି ।

ଗୋପୀ: ଆଚ୍ଛା ସେ ଏତେ ଟଙ୍କା ନେଇ କ'ଣ କରୁଛନ୍ତି ?

ରାଜେଶ: କେଜାଣି ? ମୁଁ ତ କେବେ ଦେଇନି ।

### ପିଙ୍କ୍ ଟାଇ

ମଣ୍ଟୁକୁ ଏକ ପାର୍ଟି ପାଇଁ ନିମନ୍ତ୍ରଣ ପତ୍ର ଆସିଥାଏ । ସେଥିରେ ଲେଖାଥାଏ–'ଓନ୍ଲି ପିଙ୍କ୍ ଟାଇ' ।

ପାର୍ଟିକୁ ଗଲା ପରେ ମଣ୍ଟୁ ଦେଖିଲା ଅନ୍ୟମାନେ ପ୍ୟାଣ୍ଟ ସାର୍ଟ ବି ପିନ୍ଧିଛନ୍ତି ।

### ମିଠା


ସ୍ତ୍ରୀ ସ୍ୱାମୀଙ୍କୁ: ତମର ସବୁଦିନିଆ କିଚକିଚ୍‌ରେ ମୁଁ ବିରକ୍ତ ହେଇଗଲିଣି । ମତେ ଛାଡପତ୍ର ଦରକାର ।

ସ୍ୱାମୀ: ଏଇ ନିଅ ଚକୋଲେଟ୍ ।

ସ୍ତ୍ରୀ: ମତେ ଚକୋଲେଟ୍ ଦେଇ ମନେଇବାକୁ ଚାହୁଁଛ ?

ସ୍ୱାମୀ: ନାଁ ପାଗେଳୀ । ସମସ୍ତେ କୁହନ୍ତି କିଛି ଶୁଭ କାମ ଆରମ୍ଭ କରିବା ପୂର୍ବରୁ ମିଠା ଖାଇବା ଭଲ । ସେଥିପାଇଁ...





# କୁଲ୍ ସମର୍ ଡେଷ୍ଟିନେଶନ



ଖରାଦିନେ ସୂର୍ଯ୍ୟଙ୍କର ପ୍ରଖର କିରଣ ସାଙ୍ଗକୁ ଝାଞ୍ଜି ପବନରେ ଦେହମୁଣ୍ଡ ପୋଡ଼ିଗଲା ଭଳି ଲାଗେ। ଇଚ୍ଛା ହୁଏ ଏମିତି କେଉଁ ସ୍ଥାନକୁ ଚାଲିଯିବା ପାଇଁ; ଯେଉଁଠି ଖରାଦିନେ ବି ଶୀତଳ ପବନର ସ୍ପର୍ଶ ମିଳୁଥିବ। ତେଣୁ ଏଠାରେ ସେମିତି କେତୋଟି ପ୍ରମୁଖ ସମର୍ ଡେଷ୍ଟିନେଶନ ସମ୍ପର୍କରେ ଉଲ୍ଲେଖ କରାଗଲା; ଯେଉଁଠାକୁ ବୁଲିଗଲେ ଖରାଦିନେ ବେଶ୍ ଆରାମ ଅନୁଭବ ହୋଇପାରିବ...

***ଉଟି:** ଉଟି ବା ଉଦ୍‌ଗମଣ୍ଡଳମ୍ ହେଉଛି ତାମିଲନାଡୁର ନୀଳଗିରି ଜିଲ୍ଲା ଅନ୍ତର୍ଗତ ଏକ ସହର। ହିଲ୍ ଷ୍ଟେଶନ ଭାବେ ବି ଏହା ପରିଚିତ। ସମୁଦ୍ରପତ୍ତନଠାରୁ ପ୍ରାୟ ୨,୨୪୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପାର୍କ, ବଗିଚା, ହ୍ରଦ, ଡ୍ୟାମ୍, ଐତିହାସିକ ପ୍ରାସାଦ, ସଂଗ୍ରହାଳୟ ଇତ୍ୟାଦି ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଏକ ଚା' ଫ୍ୟାକ୍ଟ୍ରି ମଧ୍ୟ ରହିଛି; ଯେଉଁଠାକୁ ବୁଲିଯାଇ ଆଗନ୍ତୁକ ଚା' ଚାଷ ସମ୍ପର୍କିତ ବହୁ ତଥ୍ୟ ବି ଜାଣିପାରିବେ। ତେବେ ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ଶୀତଳତାପୂର୍ଣ୍ଣ ଜଳବାୟୁ ପାଇଁ ବିଶେଷକରି ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

***ନୈନିତାଲ୍:** ଉତ୍ତରାଖଣ୍ଡସ୍ଥିତ ନୈନିତାଲ୍ ବି ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ଘଞ୍ଚ ଜଙ୍ଗଲରେ ଘେରି ହୋଇ ରହିଥିବା ଖୁବ୍ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଝରଣା ଦେଖିବାକୁ ମିଳିଥାଏ। ଖାସ୍ ସେଇଥିପାଇଁ ଅନେକ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। କେବଳ ନବଦମ୍ପତି କାହିଁକି, ପ୍ରେମଦିବସକୁ ସ୍ମରଣୀୟ କରିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ପ୍ରେମୀଯୁଗଳ ବି ଆସିଥାନ୍ତି। ତେବେ ଅନ୍ୟଦିନ ତୁଳନାରେ ଖରାଦିନେ ଏଠାକାର ଜଳବାୟୁ ବେଶ୍ ମନୋରମ ଓ ଶୀତଳ ରହୁଥିବାରୁ ଖରାଛୁଟି କଟାଇବା ପାଇଁ ବହୁ ସଂଖ୍ୟାରେ ଆଗନ୍ତୁକ ଏଠାକୁ ଆସିଥାନ୍ତି।

***ଅର୍କି:** ହିମାଚଳ ପ୍ରଦେଶର ସୋଲାନ୍ ଜିଲ୍ଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି ଅର୍କି। ଏହା ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ବି ଜଣାଶୁଣା। କାରଣ ଏଠାରେ ଦେଖିବାକୁ ମିଳିଥାଏ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ, ଦୁର୍ଗ ଇତ୍ୟାଦି। ତେବେ କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ଏଠାକାର ଶୀତଳ ଜଳବାୟୁ ମଧ୍ୟ ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। କାରଣ ଅର୍କିଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ସିମ୍‌ଲା, ଯାହାକୁ ଦିନେ ବ୍ରିଟିଶ ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ଘୋଷଣା କରାଯାଇଥିଲା। ତେଣୁ ଏହିଥିରୁ ଅନୁମାନ କରାଯାଏ ଯେ, ସିମ୍‌ଲାର ଜଳବାୟୁ ଓ ଅର୍କିର ଜଳବାୟୁ ପ୍ରାୟତଃ ସମାନ ରହିଥାଏ। ବିଶେଷକରି ଖରାଦିନେ ଏଠାକାର ପାଣିପାଗ ବେଶ୍ ଶୀତଳତା ପ୍ରଦାନ କରୁଥିବାରୁ ପର୍ଯ୍ୟଟକଙ୍କର ଏଠାରେ ଖୁବ୍ ଭିଡ଼ ଜମେ।

***ଲାକ୍ଷାଦ୍ୱୀପ:** ଏଠାକାର ଶାନ୍ତ, ସୁନ୍ଦର ବେଳାଭୂମିରେ କିଛି କ୍ଷଣ ବସିପଡ଼ିଲେ ଥକାପଣ ଚୁଟ୍‌କିରେ ଦୂରେଇ ଗଲା ଭଳି ଲାଗେ। ବିଶେଷକରି ଖରାଦିନେ ଏଠାକାର ପାଣିପାଗ ବେଶ୍ ଶୀତଳତା ପ୍ରଦାନ କରିଥାଏ ; ସେଥିପାଇଁ ବ୍ୟସ୍ତମୟ ଜୀବନରୁ କିଛି ସମୟ ବିରତି ପାଇଲେ ପର୍ଯ୍ୟଟକ ଏଠାକୁ ଖରାଛୁଟି କଟାଇବାକୁ ଧାଇଁ ଆସିଥାନ୍ତି। ଛୁଟି କଟାଇବା ସହ ପର୍ଯ୍ୟଟକ ଏଠାରେ ଅନେକ ଆକର୍ଷଣୀୟ ସ୍ଥାନ ଯେମିତିକି- ଅଗତ୍ତି ଦ୍ୱୀପ, କଭରତ୍ତି, ଅମିନି ଦ୍ୱୀପ, ବଙ୍ଗରାମ ଇତ୍ୟାଦି ବୁଲି ଦେଖିବାର ମଜା ମଧ୍ୟ ଉଠାଇଥାନ୍ତି।

***ମାଥେରାନ୍:** ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଏକ ପ୍ରସିଦ୍ଧ ହିଲ୍ ଷ୍ଟେଶନ। ସମୁଦ୍ରପତ୍ତନଠାରୁ ପ୍ରାୟ ୮୦୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ପ୍ରାୟ ୪୦ଟି ପଏଣ୍ଟ, ଦୁଇଟି ହ୍ରଦ, ଦୁଇଟି ପାର୍କ ତଥା ୪/୫ଟି ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଥିବା ସନ୍‌ସେଟ୍ ପଏଣ୍ଟ ବି ଖୁବ୍ ଆକର୍ଷକ ଲାଗିଥାଏ। ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ। ଖାସ୍ କରି ଖରାଛୁଟି କଟାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ହୋଇଥାଏ।




***ଅଲାପ୍ପୁଝା ବିଚ୍:** ଅଲାପ୍ପୁଝା ହେଉଛି କେରଳସ୍ଥିତ ଏକ ସୁନ୍ଦର ସହର। ଏହା ଅଲ୍ଲେପ୍ପୀ ନାମରେ ବି ପରିଚିତ। ଏଠାରେ ରହିଛି ଅଲାପ୍ପୁଝା ନାମକ ଏକ ଲୋକପ୍ରିୟ ସମୁଦ୍ରତଟ। ଶାନ୍ତ, ସ୍ୱଚ୍ଛ ତଥା ଅପୂର୍ବ ଆକର୍ଷଣରେ ଭରା ଏହି ସମୁଦ୍ରତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ମନୋମୁଗ୍ଧକର ହୋଇଥାଏ। ତା'ଛଡ଼ା ଏହି ସମୁଦ୍ରକୂଳର ଧାରେ ଧାରେ ଲଗାଯାଇଥିବା ଖଜୁରି ଗଛ ଏଠାକାର ପରିବେଶକୁ ଆହୁରି ଆକର୍ଷଣୀୟ କରି ଦେଇଥାଏ। ତେବେ ଅଲାପ୍ପୁଝାର ଅନ୍ୟ ଏକ ଆକର୍ଷଣ ହେଉଛି ଏଠାକାର ବ୍ୟାକ୍‌ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ଅପୂର୍ବ ଆନନ୍ଦ ଉପଭୋଗ କରିବା। ଏହାକୁ ଖରାଛୁଟି କଟାଇବା ପାଇଁ ଏକ ଉପଯୁକ୍ତ ସମର୍ ଡେଷ୍ଟିନେଶନ କହିଲେ ମଧ୍ୟ ଆଦୌ ଭୁଲ୍ ହେବନାହିଁ।





# ହ୍ୟାଣ୍ଡ ପେଣ୍ଟ ଇଲ୍ୟୁଜନ୍

କେତେବେଳେ ହାତରେ ଏକ ବଡ କଣା ତ କେବେ କଟି ଯାଇଛି ପାପୁଲି। ପୁଣି କେବେ ଦେଖା ଯାଉଛି ପାପୁଲିର ହାଡସବୁ। ଏମିତି ଦୃଶ୍ୟ ଦେଖି ଯେ କେହି ଚକିତ ହୋଇଯିବେ। ମନ ବିଚଳିତ ହୋଇଯିବ। ହେଲେ କିଛି କ୍ଷଣ ଭଲରେ ନିରୀକ୍ଷଣ କରି ଦେଖିଲେ ଜାଣିପାରିବେ ତାହା ବାସ୍ତବ ନୁହେଁ। ଇସ୍ରାଇଲର କଳାକାର ବିକା ବ୍ରେନଙ୍କର ଏ ହେଉଛି ଆଶ୍ଚର୍ଯ୍ୟ ଚକିତ କଳାଭଳି ହ୍ୟାଣ୍ଡ ପେଣ୍ଟ। ସେ ଭ୍ରମ ସୃଷ୍ଟିକାରୀ ଆର୍ଟ କରିବାରେ ଧୁରୀଣ। ଆଉ ସେସବୁ ଏତେ ଜୀବନ୍ତ ଲାଗେ ଯେ, ଦେଖୁ ଦେଖୁ ଲାଗେ ଯେମିତି ସତରେ ପାପୁଲିରେ ବଡ କଣା ଅଛି, ପାପୁଲି କଟି ଦୁଇ ଫାଳ ହେଇଯାଇଛି ଅବା ପାପୁଲିକୁ ଏତେ ଜୋର୍‌ରେ ବାନ୍ଧାଯାଇଛି ଯେ, ପାପୁଲିର ହାଡ ଭାଙ୍ଗି ସଙ୍କୁଚିତ ହୋଇଯାଇଛି ଅବା ଆଙ୍ଗୁଠି ଦୁଇଖଣ୍ଡ ହୋଇଯାଇଛି। ବିକା ବ୍ରେନ ପେଣ୍ଟ କରିବା ପାଇଁ ମୁଖ୍ୟତଃ କଳାରଙ୍ଗ ବ୍ୟବହାର କରନ୍ତି। ପେଣ୍ଟ କଲାପରେ କଳା ବ୍ୟାକ୍‌ଗ୍ରାଉଣ୍ଡରେ ପାପୁଲିରେ ହୋଇଥିବା ସେହି ପେଣ୍ଟିଂର ଫଟୋ ଉଠାନ୍ତି। ଯଦ୍ୱାରା ହ୍ୟାଣ୍ଡପେଣ୍ଟର ଫଟୋସବୁ ବାସ୍ତବ ପରି ମନେହୁଏ।











## କାର୍ଟୁନ କର୍ନର



# ମଞ୍ଚ ମାୟା



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳରେ ସାହିତ୍ୟ, ନୃତ୍ୟ, ଚିତ୍ର, ସଙ୍ଗୀତର ଉନ୍ନତି ପାଇଁ ଏବେ ବଡ଼ ବଡ଼ କର୍ପୋରେଟ୍‌ମାନଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଲିଟେରାରି ଫେଷ୍ଟ, ଡ୍ୟାନ୍ସ ଫେଷ୍ଟ, ଆର୍ଟ ଫେଷ୍ଟ ଇତ୍ୟାଦିର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଧୁମ୍ ଚାଲିଛି । ଏହା ଦ୍ୱାରା କଳା ଓ ସାହିତ୍ୟର କେତେ ଉନ୍ନତି ହେଉଛି ତାହା ଜଣାନାହିଁ । କିନ୍ତୁ ଆମ ରାଇଜରେ ଯେ ଅତି ଉତ୍କୃଷ୍ଟମାନର କଳାକାରଙ୍କ ମରୁଡ଼ି ନାହିଁ ତାହା ଉପସ୍ଥିତ ଗହଳି ଏବଂ ବିଜ୍ଞାପନରୁ ବେଶ୍ ଜଣାପଡୁଛି ।

ସିଟିଂ ମିଟିଂ ଇଟିଂ ବ୍ୟବସ୍ଥା ଥାଇ ଏସବୁ ପାଇଁ ଗୋଟେ ଗୋଟେ ବଡ଼ଧରଣର ବନ୍ଧୁମିଳନ ହେଉଛି । ଦୁଇ ତିନିଦିନ ଧରି ହେଉଥିବା ଗମାତର ବିଭିନ୍ନ ସମ୍ମାନରେ ଏକାସାଙ୍ଗରେ ଅନେକ ମଞ୍ଚପ୍ରେମୀଙ୍କୁ ମଞ୍ଚାସୀନ ହେବାର ସୁଯୋଗ ମିଳୁଛି । ସ୍କୁଲରେ ଯେତେବେଳେ ଡ୍ରାମା ହୁଏ ସବୁ ଅଭିଭାବକଙ୍କ ଇଚ୍ଛା ଥାଏ ସେମାନଙ୍କ ପିଲା ଷ୍ଟେଜ୍ ଉପରକୁ ଆସୁ । ତେଣୁ ସ୍କୁଲ କର୍ତ୍ତୃପକ୍ଷ ଏପରି ଡ୍ରାମା ବାଛନ୍ତି, ଯେଉଁଥିରେ ସ୍କୁଲର ସବୁ ପିଲା ଷ୍ଟେଜ୍ ଉପରେ ସେମାନଙ୍କ ମୁହଁ ଦେଖେଇପାରିବେ । ଏଇ ଯେମିତି କୃଷ୍ଣଙ୍କ ପଛରେ କୋଡ଼ିଏଜଣ ଗାଈଆଳ ଟୋକା । ରାଜଦରବାରରେ ସାଧାରଣ ଜନତା । ସମବେତ ଡାଲ୍‌ଖାଇ ନୃତ୍ୟ କି ଦେଶାତ୍ମବୋଧକ ଗୀତରେ ଦୁଇଜଣ ଗାଇବେ, ନାଚିବେ ଆଗକୁ ଆସି । ବାକି ସବୁ ପଛରେ ଛିଡ଼ାହୋଇ ଦର୍ଶକଙ୍କ ଭିତରେ ଖୋଜୁଥିବେ ସେମାନଙ୍କ ବାପାମା' କେଉଁଠି ବସିଛନ୍ତି ଏବଂ ସେମାନଙ୍କୁ ସତୃଷ୍ଣ ନୟନରେ ଚାହିଁଛନ୍ତି କି ନା । ମୋ' ଭିତରେ ଅନେକ ଦିନରୁ ଏକ ଭ୍ରମଧାରଣା ଥିଲା ଯେ କୌଣସି କବିତା ପାଠୋତ୍ସବ ସଞ୍ଚାଳନ କରିବା ସବୁଠୁ କଠିନ, ବୌଦ୍ଧିକ କାର୍ଯ୍ୟ । କିନ୍ତୁ ଏବେ ଏବେ ମୋ' ଭ୍ରମ ଦୂର ହୋଇଛି । କୌଣସି ସାହିତ୍ୟ ଉତ୍ସବର ବିଭିନ୍ନ ସମ୍ମାନ ପାଇଁ ଆଲୋଚନାର ବିଷୟ ବାଛିବା ତା'ଠାରୁ କାହିଁ କେତେଗୁଣରେ ଅଧିକ କଷ୍ଟସାଧ କାମ । ବିଷୟ ଏପରି ହେବା ଉଚିତ, ଯାହା ଅନ୍ୟ କୌଣସି ଉତ୍ସବରେ ବଛା ହୋଇ ନ ଥିବ । ଯେଉଁ ଆଲୋଚନାରେ କି ଅଧିକରୁ ଅଧିକ ନିଜ ପ୍ରିୟ ସୃଜନଶୀଳ ଅନୁଗାମୀଙ୍କୁ ମଞ୍ଚରେ ଆଡ୍‌ଜଷ୍ଟ କରିହେଉଥିବ । ଚାଳିଶ ମିନିଟ୍‌ର ଗୋଟିଏ ସମ୍ମାନ ପାଇଁ ଜଣେ ସଞ୍ଚାଳକଙ୍କ ସହ ଦଶଜଣ ଆଲୋଚକ । ବିନାୟକ ଆଚାର୍ଯ୍ୟଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଆ ସାହିତ୍ୟର ବିକାଶ ଓ ସ୍ଥିତି, ଏକ ବିହଙ୍ଗାବଲୋକନ ବିଷୟ ଉପରେ ସଞ୍ଚାଳକ ଯାହାଙ୍କୁ ପ୍ରଥମେ ପଚାରିଲେ ସେ ବହୁଦିନରୁ ମାଇକ୍ରୋଫୋନ୍ ଭୋକିଲା ଭଳି ହରେକୃଷ୍ଣ ମହତାବଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଶତପଥୀଙ୍କ ଯାଏ ଆସୁ ଆସୁ ପ୍ରାୟ ତିରିଶ ମିନିଟ୍ ସରିଗଲା । ଦ୍ୱିତୀୟ ସଞ୍ଚାଳକ ମହୋଦୟ ତାଙ୍କୁ ମଝିରୁ ଅଟକେଇ ଗୋଟିଏ ମିନିଟରେ ନିଜ ବକ୍ତବ୍ୟ ରଖିବାକୁ ଅନ୍ୟ ଯାହାଙ୍କୁ ମାଇକ୍ରୋଫୋନ ଛାଡ଼ିଲେ ସେ ତାଙ୍କ ବକ୍ତବ୍ୟ ଖାରବେଳଙ୍କ ଶିଳାଲେଖରୁ ଆରମ୍ଭ କଲେ । ଶେଷରେ ଏମିତି ହେଲା ଯେ କଥା ଅଧାରୁ ବକ୍ତାଙ୍କୁ ଅଟକେଇ ଅଟକେଇ ସବୁ ମିନିଟ ସରିଗଲା ପଛେ କେହି ବିନାୟକ ଆଚାର୍ଯ୍ୟଙ୍କ ପାଖରେ ପହଞ୍ଚି ପାରିଲେନାହିଁ । ସମୟ ହୋଇଯାଇଥିବାରୁ ସଞ୍ଚାଳକ ସମସ୍ତ ଅତିଥିଙ୍କୁ କ୍ଷମା ମାଗି ସମ୍ମାନ ସମାପ୍ତିର ଘୋଷଣା କଲେ । କୃଷ୍ଣଙ୍କ ପଛରେ ଅନ୍ୟତମ ଗାଈଆଳ ଟୋକା ହୋଇ ଆସିଥିବା ପିଲାଟି ଷ୍ଟେଜ୍ ଉପରୁ ନିଜ ବାପାମା'ଙ୍କୁ ଖୋଜୁଥିବା ବେଳେ ପ୍ରସ୍ଥାନ ସମୟ ହୋଇଗଲେ ସେ ପିଲାଟି ମୁହଁରେ ଯେଉଁ ବିକଳ ଭାବଟି ଉକୁଟି ଆସେ, କିଛି ବକ୍ତବ୍ୟ ନ ରଖି ମଞ୍ଚରୁ ଫେରୁଥିବା ବାକି ଆଠଜଣଙ୍କ ମୁହଁରେ ସେମିତି ଭାବଟିଏ ଦେଖିବାକୁ ମିଳେ । ସେମାନଙ୍କ ଭିତରୁ ଜଣେ ମୋ ପାଖରେ ବସି ଆୟୋଜକ, ସଂଚାଳକ ଓ ବକ୍ତବ୍ୟ ରଖିଥବା ଦୁଇଜଣଙ୍କ ଚଉଦ ପୁରୁଷ ଉଖାଳିଦେଲେ । ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଲି– ''ସେମାନଙ୍କ କଥା ଆପଣ ଥରେ ଉଦାରତାର ସହ ଚିନ୍ତା କରନ୍ତୁ । ଆପଣଙ୍କଠାରୁ ଆହୁରି ଅଧିକ କରୁଣ ଅବସ୍ଥା ଆୟୋଜକଙ୍କର । ମୁଖ ପୁସ୍ତିକାରେ ତାଙ୍କୁ ନିୟମିତ କମେଣ୍ଟ କରୁଥିବା ଲେଖକଙ୍କଠାରୁ ଆରମ୍ଭ କରି ସହଚର, ସହଗାମୀ, ଅନୁନୟ ବିନୟ ହୋଇ ଅନୁରୋଧ କରିଥିବା ଲୋକଙ୍କ ସହ କିଛି ପ୍ରତିଷ୍ଠିତ ଅଗ୍ରଜଙ୍କ ସୁପାରିସ୍ ମତେ ସବୁଲୋକଙ୍କୁ ମଞ୍ଚାସୀନ କରିବା କିଛି କମ୍ କି ସହଜ ପାଠ ନୁହେଁ । ଏପରି କିଛି ତଥାକଥିତ ଖ୍ୟାତନାମା ଲୋକ ଅଛନ୍ତି, ଯାହାଙ୍କୁ ମଞ୍ଚରେ ନ ବସେଇଲେ ଖୋଦ୍ ଆୟୋଜକଙ୍କ ମଞ୍ଚ ଟଳମଳ ହେବାର ଭୟ ଥାଏ । ଆଉ ରହିଲା ଏହି ସମ୍ମାନରେ ଆପଣଙ୍କ ବକ୍ତବ୍ୟର କଥା । ଇତିହାସକୁ ଉଖାରିଲେ କ'ଣ ମିଳିବ ? ଯାହା ଗତ ତାହା ଗତ । ଏଠି ସବୁ ତ ଗତାନୁଗତିକ ବରଂ ଆପଣ ଭବିଷ୍ୟତ କଥା ଚିନ୍ତା କରନ୍ତୁ । ଦେଖନ୍ତୁ ଆପଣ ମଞ୍ଚରେ ବସିଥିବା ବେଳେ ମୁଁ ଚାରି ପାଞ୍ଚଟି ଆଙ୍ଗେଲ୍‌ରୁ ଫଟୋ ନେଇଛି । ଏହି ମହାର୍ଘ ମୁହୂର୍ତ୍ତର କିଛି ଫଟୋ ସହ ଦୁଇପଦ ଲେଖି ଫେସ୍‌ବୁକରେ ପୋଷ୍ଟ କରନ୍ତୁ । ଶୁଭେଚ୍ଛା ଅଭିନନ୍ଦନ ଜଣାଉଥିବା ବନ୍ଧୁମାନଙ୍କ କେଉଁ ଆଗ୍ରହ ଥାଏ କି ଆପଣ ଉକ୍ତ ମଞ୍ଚରେ କ'ଣ ମନ୍ତବ୍ୟ ରଖିଥିଲେ ଜାଣିବାକୁ । ସାହିତ୍ୟର ଉନ୍ନତି ପାଇଁ ଆପଣ ବକ୍ତବ୍ୟ ରଖିପାରିଲେ ନାହିଁ ବୋଲି ଅଯଥାରେ ରାଗୁଛନ୍ତି ଯାହା । ଦେଖୁନାହାନ୍ତି, ସାହିତ୍ୟର ମୂଳଦୁଆ ସୁଦୃଢ଼ କରିବାକୁ ଏଠି କେମିତି ଲୋକ ହାଉଯାଉ । ସମସ୍ତଙ୍କ ପ୍ରାଣ ସାହିତ୍ୟ ପାଇଁ କାନ୍ଦୁଛି । ଚାଲନ୍ତୁ ଲଞ୍ଚ୍ କରିସାରି ଗୋଟେ ଏସି ତଳ ସିଟ୍ ଦେଖି ଆରାମରେ ଶୋଇପଡ଼ିବା । ସନ୍ଧ୍ୟାରେ ଖରା ନଇଁଲେ ଚାହା ବିସ୍କୁଟ ଖାଇ ଘରକୁ ମହାଆନନ୍ଦରେ ଯିବା । ଏ ସାହିତ୍ୟ ଫାଇତ୍ୟ ସବୁ ମାୟା । ଆମ ଭଳି ଲୋକ ବାୟା ଖାଲି ।

ମୋ କଥା ଶୁଣି ଭଦ୍ରବ୍ୟକ୍ତି ଜଣଙ୍କ ଟିକେ ଆଶ୍ୱସ୍ତ ହେଲେ । ମୁହଁରେ ପ୍ରସନ୍ନତା ଖେଳିଗଲା । ଟିକେ ପରେ କହିଲେ, ଆଜି ସନ୍ଧ୍ୟାରେ କବିତା ପାଠୋତ୍ସରେ ମୁଁ ନାଁ ଦେଇଛି । ଯଦି ମୋ ନାଁ ପ୍ରଥମ ଲିଷ୍ଟରେ ନ ଆସେ ତେବେ ଆଜି ସେ ସଞ୍ଚାଳକ ଓ ଆୟୋଜକଙ୍କ ଦିନେକୁ ମୋର ଦିନେ । ଫେସବୁକ୍‌ରେ ତାଙ୍କ ସବୁ ଗୁମର ଖୋଲିଦେବି ।

ମୁଁ କହିଲି, ଓଃ ! ଆପଣ ତାହାହେଲେ ଜଣେ କବି ? ମୋ' କଥା ଶୁଣି ଭଦ୍ରବ୍ୟକ୍ତି ପୁଣି ଆରମ୍ଭ କଲେ, ହଁ ମୁଁ ସମାଜର ଅବହେଳିତ, ନିଷ୍ପେଷିତଙ୍କ ଉପରେ କବିତା ଲେଖେ । ମୋ କବିତା ପଢ଼ି ଥରେ ଅମୁକ କବି କହିଥିଲେ ରବି ସିଂଙ୍କ ପରେ ମୁଁ ଏକମାତ୍ର ସେ ଧାରା ବଜାୟ ରଖିଛି । ଆପଣ ବି ରୁହନ୍ତୁ ସନ୍ଧ୍ୟାରେ ମୋ କବିତା ଶୁଣିବେ । ମୁଁ ତାଙ୍କୁ ହାତଯୋଡ଼ି ନମ୍ରତାର ସହ କହିଲି ନାହିଁ ଆଜ୍ଞା ମୁଁ କବିତା ବୁଝିପାରେନା । ଏମିତି ବି କହିପାରନ୍ତି କବିତା ବୁଝିବା ଭଳି ମଗଜ ମୋର ଏଯାଏଁ ବିକଶିତ ହୋଇନି । ଭୀଷଣ ଗରମରେ ଘରେ ରହିହେଉନି । ଖାଇବା ପିଇବା ସୁବିଧା ଥାଇ ଏସି ଘରେ ଟିକେ ଖରାବେଳ କାଟିବା ପାଇଁ ଆସି ଏଠି ବସିଛି । ସନ୍ଧ୍ୟାରେ ମୋର ଅନ୍ୟ କାମ ଅଛି । କ୍ଷମା କରିବେ ଆପଣଙ୍କ କବିତା ଶୁଣିବାକୁ ରହିପାରିବି ନାହିଁ । ମୋ କଥା ଶୁଣି ଭଦ୍ରବ୍ୟକ୍ତି ଜଣଙ୍କ କହିଲେ, ନା ସେମିତି କିଛି କଥା ନାହିଁ । ମୁଁ ବି କେଉଁ ବେଶି ସମୟ ଯାଏ ରହିପାରିବି ? ପ୍ରଥମେ ପଢିଦେଇ ମୁଁ ଚାଲିଯିବି ଭାବିଛି । ଆଉ ଗୋଟେ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେବାର ଅଛି । କ'ଣ କରିବା ଆଜ୍ଞା ସାହିତ୍ୟିକ ସମାଜରେ ରହିବାକୁ ହେଲେ ଏ ସବୁ ସାମାଜିକ କାର୍ଯ୍ୟ କରିବାକୁ ହେବ ।

*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୪୩୭୦୧୦୭୫୮*



## ପୁସ୍ତକ ସମୀକ୍ଷା

### ଜୀବନ ପାତ୍ର ମୋ

**ନିର୍ମଳା ମହାନ୍ତି**
**ପ୍ରକାଶକ–କାବ୍ୟଲୋକ, ଭୁବନେଶ୍ୱର**
**ମୂଲ୍ୟ–୨୫୦ଟଙ୍କା**

ଜୀବନ ପାତ୍ର ମୋ କବିତା ପୁସ୍ତକର ଲେଖିକା ନିର୍ମଳା ମହାନ୍ତି । ଏଥିରେ ୧୧୫ ଟି କବିତା ସ୍ଥାନ ପାଇଛି । ଏଥିରେ ଥିବା ଜୀବନ ପାତ୍ର ମୋ କବିତାକୁ ନେଇ ବହିର ନାମକରଣ କରାଯାଇଛି । ଏହାକୁ ଉଦାହରଣ ଭାବେ ନିଆଯାଇ ପାରେ । ସମୟର ଛାଟ ଖାଇ ଖାଇ/ସମସ୍ୟା ସାଙ୍ଗରେ ଲଢି ଲଢି/ମୁକାବିଲା କରି ଅସଂଖ୍ୟ/ ବାଧା,ବତାସ, ବିପତ୍ତିର ଦାଉ/ ସବୁ କୋମଳତା,ଭାବ ପ୍ରବଣତା/ପଥର ପାଲଟି ଯାଇଛି ମୋର/ଇସ୍‌ପାତ ଏ ତନୁମନେ/ବସନ୍ତର ଅଧିର ଉଚ୍ଛ୍ୱାସ ନାହିଁ/ବର୍ଷାର ଶୀତଳ ପରଶ ନାହିଁ/ଶିଶିରର ଅନୁକୂଳ ରୋମାଞ୍ଚ ନାହିଁ/ଅଛି, ଗ୍ରୀଷ୍ମର ତତଲା ନିଃଶ୍ୱାସ କେବଳ ।




ସମୟକୁ ଯୁଝି ଯୁଝି ଅତିଷ୍ଠ ହୋଇପଡିଛନ୍ତି । ଝଡ, ଝଞ୍ଜା ସହିସହି ପଥର ପାଲଟି ଯାଇଛନ୍ତି । ତନୁମନେ ବସନ୍ତର ଉଚ୍ଛ୍ୱାସ ନାହିଁ କି ବର୍ଷାକୁ ଆଉ ଅପେକ୍ଷା ନାହିଁ । ଖାଲି ଦୀର୍ଘସ୍ୱାସର ନିଃସ୍ୱାସ । ଆଉ ଏକଲା ଚଲୋର ପ୍ରତିଜ୍ଞା । ପୁସ୍ତକଟିରେ ପ୍ରକାଶିତ କବିତାଗୁଡିକ ନିଶ୍ଚୟ ସୁଖପାଠ୍ୟ ହୋଇଛି । ଏହା ଶୁଦ୍ଧି ଓ ଗୁଣୀ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ ।

### ଅରୁନ୍ଧତୀର ଗପ(ଚିତ୍ର ନାଟକ)

**ଲେଖକ–ଡ.ରଜନୀ ରଂଜନ**
**ପ୍ରକାଶନ–ପକ୍ଷୀଘର, ଭୁବନେଶ୍ୱର**
**ମୂଲ୍ୟ–୧୮୦ଟଙ୍କା**


'ଅରୁନ୍ଧତୀର ଗପ'ଚିତ୍ର ନାଟକ ପୁସ୍ତକଟି ୨୦୨୧ରେ ମୁକ୍ତି ଲାଭ କରିଥିବା ଚଳଚିତ୍ର ଅରୁନ୍ଧତୀର ଚିତ୍ରଲିପି, ଓଡ଼ିଆ ସାହିତ୍ୟର ଚିତ୍ରଲିପି ବା ଚିତ୍ର ନାଟକର ପରି ପ୍ରକାଶ । କାହାଣୀର ନାୟିକା ଅରୁନ୍ଧତୀ ନିଜ ଅସହାୟତା ପାଇଁ ଶିକାର ହୁଏ ଏମ୍‌ଏଲଏଙ୍କ ପୁଅ ବବି ଦ୍ୱାରା । ପରିସ୍ଥିତିର ଚାପରେ ବବିଙ୍କୁ ବିବାହ କରେ । ପରେ ସେ ଅନେକ ନିର୍ଯାତନାର ସ୍ୱୀକାର ହୁଏ । ଘର ଛାଡି ଚାଲି ଆସିବା ପରେ ଜନୈକ ଚୋର ଶିବା ସହ ସାକ୍ଷାତ ହୁଏ । ଶିବା ତାକୁ ବଞ୍ଚିବାର ସାହସ ଦିଏ । ଅରୁନ୍ଧତୀ ପ୍ରତି ହୋଇଥିବା ସମସ୍ତ ଅତ୍ୟାଚାରର ପ୍ରତିଶୋଧ ନିଏ । ପୁସ୍ତକରେ ଅରୁନ୍ଧତୀର କାହାଣୀ ନାରୀ ସଶକ୍ତୀକରଣ ଉପରେ ଗତିଶୀଳ । ସଂଳାପର ସ୍ୱାଭାବିକତା, ନାଟକୀୟ ଉତ୍କଣ୍ଠା, ଚରିତ୍ର ଚିତ୍ରଣ ମାନସିକ ଦ୍ୱନ୍ଦ୍ୱର ପରିପ୍ରକାଶ ପୁସ୍ତକଟିକୁ ସଫଳ କରିଛି । ଓଡ଼ିଆ ଚଳଚିତ୍ରରେ ନବାଗତ ଲେଖିକା ଲେଖକମାନଙ୍କୁ ପୁସ୍ତକଟି ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହ ନାହିଁ ।




### ଜୀବନ ଯେମିତି

**ପଞ୍ଚାନନ ଦାଶ**
**ପ୍ରକାଶକ–ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ–୧୪୯ଟଙ୍କା**

ଜୀବନ ଯେମିତି ପଞ୍ଚାନନ ଦାଶଙ୍କ ଜୀବନର ଆତ୍ମକଥା । ଏହା ଆବୁଡା ଖାବୁଡା ଯାତ୍ରାପଥର ଅନ୍ତରଙ୍ଗ ଅତ୍ମଲିପି । ଏଥିରେ ତାଙ୍କ ଜୀବନର ସତକଥା କହି ଆତ୍ମକଥାର ରୂପ ଦେଇଛନ୍ତି ଲେଖକ । ବୃତ୍ତିଗତ ଉତ୍କର୍ଷତାର ମାନଦଣ୍ଡର ଉଚ୍ଚତାକୁ ଅନୁଭବ କରୁଥିଲେ ବି ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ କିଛି ଜାଣିବାର ସୁଯୋଗ ପୁସ୍ତକରୁ ମିଳିଛି । ସଂଘର୍ଷ କରି ଜୀବନର କଷଟି ପଥରରେ ନିଜକୁ ତଉଲି ପଞ୍ଚାନନ ଆଜି ଶୀର୍ଷରେ ପହଞ୍ଚିଛନ୍ତି । ତାହା ଅନ୍ୟମାନଙ୍କ ଲାଗି ଉଦାହରଣ । ସବୁରି ଉପରେ ଥିଲା ତାଙ୍କ ବୋଉଙ୍କ ଆଶୀର୍ବାଦ । ତାଙ୍କ ବୋଉ ସବୁବେଳେ କହୁଥିଲେ ତୋ ଭବିଷ୍ୟତ ଉଜ୍ଜଳ । କାହିଁକି ନା ମୋ ଆଶୀର୍ବାଦ ତମ ଉପରେ ରହିଛି । ତାହା ଯଦି ସତ୍ୟ ହୋଇ ନ ଥାନ୍ତା ତେବେ ପଞ୍ଚାନନ ଆଜି ଶୀର୍ଷକୁ ଯାଇ ପାରି ନ ଥାନ୍ତେ । ମାତା ପିତାଙ୍କ ଆଶୀର୍ବାଦ, ଦୃଢ ମନୋବଳ ସାଥୀରେ ଥିଲେ ଜୀବନର ଚଲାପଥରେ ଦାରିଦ୍ର୍ୟ ବାଡ ପକାଇ ପାରିବ ନାହିଁ । ଏଥିରେ ଅନୁପ୍ରାଣିତ ହୋଇ କୌଣସି ବ୍ୟକ୍ତି ଯଦି ଦୃଢତାର ସହିତ କାର୍ଯ୍ୟ କରନ୍ତି ତେବେ ସଫଳତା ନିଶ୍ଚିତ ମିଳିବ ଏଥିରେ ସନ୍ଦେହର ଅବକାଶ ନାହିଁ ।



# ଗୋଟିଏ କମ୍ପାନୀରେ ୮୪ ବର୍ଷ

ବୟସ ୧୦୦ ବର୍ଷ। ତଥାପି ସେ ଅଫିସ୍ ଯାଉଛନ୍ତି, ନିଷ୍ଠାର ସହ କାମ କରୁଛନ୍ତି। ସେପୁଣି ଗୋଟିଏ ଅଫିସ୍‌ରେ ଦୀର୍ଘ ୮୪ ବର୍ଷ ଧରି ଅର୍ଥାତ୍ ୧୯୩୮ରୁ ଆଜିଯାଏଁ କାମ କରି ଆସୁଛନ୍ତି। ତେଣୁ ତାଙ୍କ ନାମ ପୃଥିବୀର ସବୁଠାରୁ ଅନୁଗତ କର୍ମଚାରୀଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହି ନିଷ୍ଠାବାନ ବ୍ୟକ୍ତି ଜଣକ ହେଉଛନ୍ତି ବ୍ରାଜିଲର ୱାଲ୍ଟର ଓର୍ଥମ୍ୟାନ। ଜାନୁୟାରୀ ୧୭, ୧୯୩୮ ବ୍ରୁସ୍କରେ ଥିବା ଇଣ୍ଡଷ୍ଟ୍ରିଆସ୍



ରିନକ୍ସ ନାମକ ଟେକ୍ସଟାଇଲ୍ କମ୍ପାନୀର ଶିପିଂ ଡିପାର୍ଟମେଣ୍ଟରେ ସେ ଆସିଷ୍ଟାଣ୍ଟଭାବେ କାମ କରିବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ବୟସ ମାତ୍ର ୧୫ ବର୍ଷ ହୋଇଥିଲା। ପରେ ନିଷ୍ଠାର ସହ କାମ କରି ଅନେକ ପଦୋନ୍ନତି ପାଇଲେ। କିଛି ବର୍ଷ ହେବ ସେ ସେଲ୍ସ ମ୍ୟାନେଜର ଭାବେ କାମ କରୁଛନ୍ତି। ସେଲ୍ସ ଟ୍ରିପ୍‌ରେ ୱାଲ୍ଟର ପ୍ରାୟ ସାରା ପୃଥିବୀ ଭ୍ରମଣ କରିଛନ୍ତି। ଏବେ ସେ ୧୦୦ ବର୍ଷରେ ଉପନୀତ ହୋଇସାରିଛନ୍ତି। ତଥାପି ସେ ଚାକିରି ଛାଡି ଅବସର ନେବା କଥା ଭାବି ନାହାନ୍ତି। ଯେତେଦିନ ଯାଏ ତାଙ୍କ ହାତ ଗୋଡ କାମ କରୁଥିବ ସେ ନ ବସି ଅଫିସ୍ ଯିବେ। ଆଉ କାମ କରିବେ ବୋଲି କହନ୍ତି। ଏଇ ନିଷ୍ଠା ପାଇଁ ହିଁ ସେ ତାଙ୍କ ଅଫିସ୍‌ରେ ସମସ୍ତଙ୍କର ପ୍ରିୟ।





# ମଡେଲ ଜାଆଁଳା ଭଉଣୀ

୨୦୧୦ରେ ଜ୍ୟାକି ଓ ତାଙ୍କ ସ୍ୱାମୀ କେଭିନ କ୍ଲିମେଣ୍ଟସ୍ ଜାଆଁଳା ଝିଅର ମାତାପିତା ହେଲେ। ଦୁଇ ଝିଅ ବହୁତ ସୁନ୍ଦର ଥିଲେ। ବଡ଼ ହେବା ସହ ତାଙ୍କ ସୌନ୍ଦର୍ଯ୍ୟ ବଢିବାକୁ ଲାଗିଲା। ସୁନ୍ଦର ତ୍ୱଚା ସାଙ୍ଗକୁ ରେଶମୀ କେଶ, ସୁନ୍ଦର ଚେହେରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। ସମସ୍ତେ କହିଲେ ଏଇ ଦୁଇ ଭଉଣୀ ନିଶ୍ଚୟ ମଡେଲ ହେବେ। ଲୋକଙ୍କର ଏଭଳି କଥା ଶୁଣି ମା' ଜ୍ୟାକି, ଲସ୍ ଆଞ୍ଜେଲସ୍‌ର ଏକ କମ୍ପାନୀ ସହ ଦୁଇ ଝିଅଙ୍କର ମଡେଲିଂ ଚୁକ୍ତି କଲେ। ଜ୍ୟାକିଙ୍କର ଏକ ପୁଅ ବି ଅଛି। ୨-୩ ମାସ ଏହି ଜାଆଁଳା ଭଉଣୀ ମଡେଲିଂ କରିବା ଭିତରେ ଜ୍ୟାକି ଅନୁଭବ କଲେ ଯେ ତିନି ପିଲାଙ୍କ ଦେଖାରଖା ଓ ପରିବାର ଭିତରେ ସେ ଭଲରେ ସନ୍ତୁଳନ ରକ୍ଷା କରିପାରୁ ନାହାନ୍ତି। ତାସହ ଭାବିଲେ ଏତେ କମ୍ ବୟସରୁ ପିଲାଙ୍କୁ ମଡେଲିଂ କରାଇବା, ହେଭି ମେକ୍‌ଅପ୍ ଦେବା ଠିକ୍ ନୁହେଁ। ତେଣୁ ଝିଅମାନଙ୍କର ମଡେଲିଂ ବନ୍ଦ କରିଦେଲେ। କିନ୍ତୁ ୩ ମାସ ମଡେଲିଂ କରିବା ପରେ ଦୁଇ ଭଉଣୀ ମଡେଲିଂ ଛାଡିବାକୁ ଚାହୁଁ ନ ଥିଲେ। ତାଙ୍କୁ ଏଇ କାମ ବହୁତ ଭଲ ଲାଗୁଥିଲା। ଏହା ଦେଖି ମା' ଜ୍ୟାକି ତାଙ୍କୁ ୭ ବର୍ଷ ବୟସର ହେଲେ ପୁଣିଥରେ ମଡେଲିଂ ଆରମ୍ଭ କରିବେ ବୋଲି କହିଲେ। ଆଉ ଏବେ ସେମାନେ ଡ୍ୟାନ୍ସ ଓ ସୁଇମିଂ ଶିଖି ନିଜକୁ ପ୍ରସ୍ତୁତ କରନ୍ତୁ ବୋଲି ବୁଝାଇଲେ। ଏହା ଶୁଣି ଦୁହେଁ ଖୁସି ହୋଇଗଲେ।

ଏବେ ଦୁହେଁ ୭ ବର୍ଷ ବୟସର। ଆଉ ଜ୍ୟାକି ଦୁଇ ଝିଅଙ୍କର ମଡେଲିଂ ବି ପୁନଃ ଆରମ୍ଭ କରିଦେଇଛନ୍ତି। ସୁନ୍ଦର ପୋଷାକ ସାଙ୍ଗକୁ ମା' ତାଙ୍କୁ ଦିଅନ୍ତି ଲାଇଟ୍ ମେକ୍‌ଅପ୍। ଆଉ ନିଜେ ସେମାନଙ୍କର ଫଟୋ ବି ଉଠାନ୍ତି। ମଡେଲିଂକୁ ଦୁଇ ଭଉଣୀ ବହୁତ ଏନଜୟ କରୁଛନ୍ତି। ବଡ଼ ହେଲେ ସୁପର ମଡେଲ ହେବାର ଇଛା ରଖିଛନ୍ତି।







# ସାଥୀରେ ନେଇ ପାରିବେ ପେଟ୍ ଫିଶ୍

ଘରେ ଯେଉଁମାନେ ମାଛକୁ ପେଟ୍‌ଭାବେ ରଖନ୍ତି ଗୋଟିଏ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେ ହେଉଛି ବାହାରକୁ ଗଲେ ତାକୁ ସାଙ୍ଗରେ ନେଇ ହୁଏନା। ଆଉ ଅଧିକ ଦିନ ଯିବାର ଥିଲେ ଅନ୍ୟ କାହାକୁ ମାଛର ଦାୟିତ୍ୱ ଦେବାକୁ ପଡେ। ଏବେ କିନ୍ତୁ ଏ ସମସ୍ୟା ଆଉ ରହିବ ନାହିଁ। କାରଣ ଆସିଯାଇଛି ମୋବାଇଲ ଫିଶ୍ ଟ୍ୟାଙ୍କ। ତାଇୱାନ୍‌ର ହୁଆଙ୍ଗ ଜିଆଓଜି, ଯେକି ଜେରୀ ନାମରେ ବେଶ୍ ପରିଚିତ, ସେ ତିଆରି କରିଛନ୍ତି ଏହି ନିଆରା ଫିଶ ଟ୍ୟାଙ୍କ। ଏହାକୁ ତିଆରି କରିବା ଲାଗି ସେ ବ୍ୟବହାର କରିଛନ୍ତି ଏକ ମେଟାଲ ଚେସିସ୍। ଉକ୍ତ ଚେସିସ୍ ଯେମିତି ଗଡିବ ସେଥିପାଇଁ ଏଥିରେ ଚକ ସଂଯୋଗ କରିଛନ୍ତି। ମାଛ ରଖିବା ଲାଗି ସିଲ୍ ହୋଇଥିବା ଏକ ଆର୍କଲିକ୍ ଟ୍ୟୁବ୍ ରଖିବାର ବ୍ୟବସ୍ଥା ବି ଏଥିରେ କରିଛନ୍ତି। ତାସହ ଏଥିରେ ହ୍ୟାଣ୍ଡେଲ ଲଗାଯାଇଛି, ଯାହାକୁ ଧରି ମୋବାଇଲ ଫିଶ ଟ୍ୟାଙ୍କକୁ ଗଡାଇ ଗଡାଇ ଯେଉଁଆଡେ ଚାହିଁବେ ସାଥୀରେ ନେଇ ହେବ। ଆର୍କଲିକ ଟ୍ୟୁବ୍ ଯାହାକି ଏକ ଫିଶ୍ ଟ୍ୟାଙ୍କ ସେଥିରେ ବ୍ୟାଟେରୀ ପାୱାରର ଫିଲ୍ଟରେସନ୍ ପଦ୍ଧତି, ଅମ୍ଳଜାନ ପାଇଁ ଏୟାରପମ୍ପ ଓ ଲାଇଟିଂ ବ୍ୟବସ୍ଥା ରହିଛି। ଏହି ଫିଶ୍ ଟ୍ୟାଙ୍କ୍‌ର ଫଟୋ ଓ ଭିଡିଓ ଦେଖି ଅନେକେ ଚାହୁଁଛନ୍ତି ଏହା ବଜାରରେ ଲପଲବ୍ଧ ହେଉ। ଫଳରେ ସେମାନେ ବି ନିଜ ସାଥୀରେ ନିଜର ପ୍ରିୟ ମାଛକୁ ସାଙ୍ଗରେ ନେଇପାରିବେ।



